بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 28

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ଜୁଲାଇ 2021 | 15 ୱଫା 1400 ହି.ଶ | 04 ଜୁଲହଜା 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَلَمۡ تَعۡلَمۡ اَنَّ اللّٰہَ لَہٗ مُلۡکُ السَّمٰوٰتِ وَالۡاَرۡضِ ؕ یُعَذِّبُ مَنۡ یَّشَآءُ وَیَغۡفِرُ لِمَنۡ یَّشَآءُ ؕ وَاللّٰہُ عَلٰی کُلِّ شَیۡءٍ قَدِیۡرٌ ○

(سورۃ المائدہ:41)

ଅନୁବାଦ- ତୁମ୍ଭକୁ କ'ଣ ଜଣାନାହିଁ ଯେ ଆକାଶ ଓ ପୃଥିବୀରେ ଅଲ୍ଲାଃଙ୍କର ଆଧିପତ୍ୟ ଅଛି ? ସେ ଯାହାକୁ ଇଚ୍ଛା ଶାସ୍ତି ଦିଅନ୍ତି ଓ ଯାହାକୁ ଇଚ୍ଛା କ୍ଷମା ପ୍ରଦାନ କରନ୍ତି; ଏବଂ ଅଲ୍ଲାଃ (ନିଜ ଇପ୍‌ସିତ) ପ୍ରତ୍ୟେକ କାର୍ଯ୍ୟ କରିବାକୁ ପୂର୍ଣ୍ଣ ରୂପେ ସକ୍ଷମ ।

*(ଅଲ୍‌ମାଇଦା: ୪୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ·ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ·ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ·ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**କାଗଜ ଉପରେ ଲେଖାଯାଇଥିବା ନାମଗୁଡ଼ିକର କ'ଣ ମୂଲ୍ୟ ଅଛି ? ଦିନେ ଥାଏ ତ' ଆଉ କେବେ ନଷ୍ଟ ହୋଇଯାଏ କିନ୍ତୁ ଯାହା କିଛି ଆକାଶରେ ଲିପିବଦ୍ଧ ତାହା କେବେ ବି ଲିଭେନାହିଁ । ତାହାର ପ୍ରଭାବ ଅନନ୍ତକାଳ ପର୍ଯ୍ୟନ୍ତ ରହିଥାଏ**

## ହଜରତ ମସିହ ମଉଦଆ·ସଙ୍କ ନୀତି ବାଣୀ

### ଆର୍ଥିକ ବଳିଦାନ କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହେବା ଆବଶ୍ୟକ

ଯଦି କୌଣସି ବ୍ୟକ୍ତି ଏପରି ଉଦ୍ଦେଶ୍ୟ ରଖି ଚାନ୍ଦା ଦିଅନ୍ତି କିମ୍ବା ଧାର୍ମିକ ଆବଶ୍ୟକତାରେ ଅଂଶଗ୍ରହଣ କରନ୍ତି ଯେ ତାଙ୍କର ନାମକୁ ପ୍ରକାଶ କରାଯିବ, ତେବେ ମନେରଖ ଯେ ଏପରି ବ୍ୟକ୍ତି ସାଂସାରିକ ଖ୍ୟାତି ଓ ପ୍ରଶିଦ୍ଧି ଚାହୁଁଛି । କିନ୍ତୁ ଯିଏ କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଏହି ମାର୍ଗରେ ପାଦ ବଢ଼ାଏ ଏବଂ ଧର୍ମ ସେବା କରିବାକୁ ଅଂଟା ଭିଡ଼େ ସେ ଏହାର କିଛି ପରବାଏ କରେନାହିଁ । ସାଂସାରିକ ଖ୍ୟାତି ନିଜ ମଧ୍ୟରେ କିଛି ବାସ୍ତବିକତା ବା ମୂଲ୍ୟ ରଖେନାହିଁ । ଯେଉଁ ଖ୍ୟାତି ଆକାଶରେ (ଅର୍ଥାତ ସ୍ୱର୍ଗରେ) ଲିପିବଦ୍ଧ ହୋଇଥାଏ ତାହା ହିଁ ଉତ୍ତମ ଖ୍ୟାତି । କାଗଜ ଉପରେ ଲେଖାଯାଇଥିବା ନାମଗୁଡ଼ିକର କ'ଣ ମୂଲ୍ୟ ଅଛି ? ଦିନେ ଥାଏ ତ' ଆଉ କେବେ ନଷ୍ଟ ହୋଇଯାଏ କିନ୍ତୁ ଯାହା କିଛି ଆକାଶରେ ଲିପିବଦ୍ଧ ତାହା କେବେ ବି ଲିଭେନାହିଁ । ତାହାର ପ୍ରଭାବ ଅନନ୍ତକାଳ ପର୍ଯ୍ୟନ୍ତ ରହିଥାଏ । ମୋର ଅନେକ ସଚ୍ଚୋଟ ବନ୍ଧୁ ଏପରି ଅଛନ୍ତି, ବୋଧ ହୁଏ ଯେଉଁମାନଙ୍କୁ ତୁମେ ଖୁବ୍ କମ୍ ଜାଣିଥିବ କିନ୍ତୁ ସେମାନେ ସର୍ବଦା ମୋ ସାଥିରେ ଅଛନ୍ତି । ଉଦାହରଣ ସ୍ୱରୁପ ମୁଁ ଦୃଷ୍ଟାନ୍ତ ପାଇଁ ଏକଥା କହୁଅଛି ଯେ ମିର୍ଜା ୟୁସୁଫ୍ ବେଗ୍ ସାହେବ ଯିଏ ହେଉଛନ୍ତି ମୋର ଜଣେ ସଚ୍ଚୋଟ ଓ ପ୍ରକୃତ ବନ୍ଧୁ । ମୁଁ ତାଙ୍କ ବିଷୟରେ ଏଥିଯୋଗୁଁ ଚର୍ଚ୍ଚା କରୁଅଛି ଯେ ଏହା ଦ୍ୱାରା ଭାଇମାନଙ୍କ ମଧ୍ୟରେ ପରିଚୟ ବଢ଼ିଥାଏ ଓ ପାରସ୍ପରିକ ପ୍ରେମ ସୃଷ୍ଟି ହୋଇଥାଏ । ମିର୍ଜା ସାହେବ ସେ ସମୟରୁ ମୋ ସହିତ ଅଛନ୍ତି ଯେତେବେଳେ ମୁଁ ଏକାକୀ ଜୀବନ ବିତାଉଥିଲି । ମୁଁ ଦେଖୁଅଛି ଯେ ତାଙ୍କର ହୃଦୟ ପ୍ରେମ ଓ ଭକ୍ତିରେ ପରିପୂର୍ଣ୍ଣ ଏବଂ ସେ ସଦାସର୍ବଦା କ୍ରମାଗତ ଭାବରେ ଏ ସିଲ୍‌ସିଲା (ସମ୍ପ୍ରଦାୟ)ର ସେବା କରିବାକୁ ନିଜ ଭିତର ଏକ ଜୋଶ୍ (ଉତ୍ସାହରେ ପରିପୂର୍ଣ୍ଣ ହୃଦୟ) ରଖିଛନ୍ତି । ଏହିପରି ସମାନ ସ୍ୱଭାବ ରଖିଥିବା ଆହୁରି ଅନେକ ବନ୍ଧୁ ଅଛନ୍ତି ଏବଂ ସମସ୍ତେ ନିଜ ନିଜର ବିଶ୍ୱାସ ଓ ଈଶ୍ୱରୀୟ ବୁଝାମଣା ମୁତାବକ ପ୍ରେମପୂର୍ଣ୍ଣ ଆନ୍ତରିକତା ଓ ଉତ୍ସାହରେ ପରିପୂର୍ଣ୍ଣ ।

### ଯଦି ଦୃଢ଼ ବିଶ୍ୱାସ ନାହିଁ ତା'ହେଲେ କିଛି ନାହିଁ

ଯଦିଓ ମୁଁ ଏକଥା ଜାଣିଛି ଯେ, ସେବାକାର୍ଯ୍ୟ/କର୍ମ କରିବାର ସାମର୍ଥ୍ୟ ଧିରେ ଧିରେ ମିଳିଥାଏ କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିଶ୍ୱାସର ମାତ୍ରା ଯେତେ ଅଧିକ ହୋଇଥାଏ ସେହି ଅନୁପାତରେ କର୍ମ ମଧ୍ୟ ଦୃଢ଼ିଭୁତ ହୋଇଥାଏ । ଏପରି କି ଯଦି ଏହି ବିଶ୍ୱାସର ଶକ୍ତି ସମ୍ପୁର୍ଣ୍ଣ ଭାବରେ ପରିପକ୍ୱ ହୋଇ ବିକଶିତ ହୋଇଯାଏ, ତା'ହେଲେ ଏହିପରି ସ୍ୱଭାବ ସମ୍ପନ୍ନ ମୋମିନ୍ (ବିଶ୍ୱାସକାରୀ) ଶହୀଦ୍‌ର ପଦମର୍ଯ୍ୟାଦା ଲାଭ କରେ । କାରଣ ତା' ମାର୍ଗରେ କିଛି ବି ପ୍ରତିବନ୍ଧକ ହୋଇପାରିବ ନାହିଁ । ସେ ନିଜର ପ୍ରୀୟ ଜୀବନକୁ ମଧ୍ୟ ବଳିଦାନ କରିବାପାଇଁ ଦ୍ୱିଧା ଓ ସଙ୍କୋଚ କରିବନାହିଁ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୦୯-୩୧୦ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

(୧୩୮୨) ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଜଣେ ଇହୁଦୀ ମହିଳା ତାଙ୍କ ନିକଟକୁ ଆସିଲେ ଓ କବରର ଯନ୍ତ୍ରଣା ବିଷୟରେ ପଚାରିଲେ । ତାଙ୍କୁ ସେ କହିଲେ: ଅଲ୍ଲାଃ ତୁମକୁ କବରର ଯନ୍ତ୍ରଣାରୁ ବଂଚାଇ ରଖନ୍ତୁ । ହଜ୍‌ରତ୍ ଆଇଶା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ କବରର ଯନ୍ତ୍ରଣା ବିଷୟରେ ଜାଣିବାକୁ ଚାହିଁଲେ, ଆପଣ ସ:ଆ:ସ କହିଲେ: ହଁ କବର ମଧ୍ୟରେ ଯନ୍ତ୍ରଣା (ନିଶ୍ଚିତ) ମିଳିବ । ହଜ୍‌ରତ୍ ଆଇଶା ର:ଅ କୁହନ୍ତି: ତା'ପରେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ କେବେବି ଦେଖିନାହିଁ ଯେ ମହାଭାଗ ସ:ଆ:ସ କୌଣସି ନମାଜ ପଢ଼ିଥିବେ ଓ (ସେଥିରେ) କବରର ଯନ୍ତ୍ରଣାରୁ ଶରଣ ନ ମାଗିଥିବେ । ଗୁନ୍ଦର୍ ନିଜର ରିୱାୟତ୍‌ରେ ଏହି ବାକ୍ୟଟି ଅଧିକା ବର୍ଣ୍ଣନା କରିଛନ୍ତି: କବରର ଯନ୍ତ୍ରଣା ସତ୍ୟ । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇଯ୍, ମୁଦ୍ରଣ ୨୦୦୬ କାଦିଆନ୍)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି: "ଆମେ ଫରିସ୍ତା (ସ୍ୱର୍ଗଦୂତମାନଙ୍କ) ଉପରେ, ଈଶ୍ୱରଙ୍କ ପୁସ୍ତକଗୁଡ଼ିକ ଉପରେ, ରସୁଲେ୍ କରିମ୍ ସ:ଆ:ସଙ୍କ ହଦିସ୍‌ଗୁଡ଼ିକ ଉପରେ, ବୈକୁଣ୍ଠ, ନର୍କ, କବରର ଯନ୍ତ୍ରଣା, ଭାଗ୍ୟ ଏବଂ ଶରୀରର ପୁନରୁତ୍‌ଥାନ ଉପରେ ଆନ୍ତରିକତାର ସହିତ ବିଶ୍ୱାସ ଆଣୁଅଛୁ । ଆମେ ଏପରି ବିଷୟବସ୍ତୁଗୁଡ଼ିକର ବିବରଣୀ ଭଗବାନଙ୍କ ଉପରେ ଛାଡ଼ି ଦେଉଛୁ କାରଣ ସତର୍କ ଧର୍ମ ହେଉଛି ଏହା କି ମନୁଷ୍ୟ ମୋଟ ଉପରେ ବିଶ୍ୱାସ ଆଣୁ ଏବଂ ସବିଶେଷ ତଥ୍ୟକୁ ଭଗବାନଙ୍କ ଉପରେ ଛାଡ଼ିଦେଉ ।" ***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୩୪ ମୁଦ୍ରଣ କାଦିୟାନ୍ ଏଡ଼ିଶନ୍ ୨୦୦୩)***

ଏହି ହଦିସ୍‌ଗୁଡ଼ିକୁ ଖୋଲାଖୋଲି ଭାବରେ ପ୍ରୟୋଗ କରାଯାଇପାରିବ ନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି:

"କବରର ଯନ୍ତ୍ରଣା ବାବଦରେ ହଦିସ୍‌ଗୁଡ଼ିକରେ ବହୁଳ ଭାବରେ ଏହାର ବର୍ଣ୍ଣନା ମିଳୁଅଛି ଯେ ସେଥିରେ ପାପୀମାନଙ୍କ ପାଇଁ ବିଛା, ସାପ ଏବଂ ନିଆଁର ଯନ୍ତ୍ରଣା ରହିଛି ଯଦି ଏହି ହଦିସ୍‌ଗୁଡ଼ିକୁ ପ୍ରକାଶ୍ୟରେ ସ୍ଥୁଳ ଭାବରେ ପ୍ରୟୋଗ କରାଯାଏ ତା'ହେଲେ ଏପରି କିଛି କବର ଖୋଳି ଦେଖାନ୍ତୁ ଯେଉଁଥିରେ ସାପ ଏବଂ ବିଛା ରହିଥିବେ" ।

***(ଅଜାଲା ଅଓ୍ୱହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୩୧୬)***

**କେବେ ଇସ୍‌ଲାମ୍ କୁଫ୍‌ର୍ (ଅର୍ଥାତ ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରଖୁଥିବା ଲୋକମାନଙ୍କ ଚିନ୍ତାଧାରା)କୁ ଶେଷ କରିଦେଉଥିଲା, ଆଜି ଅବିଶ୍ୱାସ ଇସ୍‌ଲାମ୍‌କୁ ଖାଉଅଛି । ଯେଉଁଠି ମୁସଲମାନମାନେ ହିଁ ଇସ୍‌ଲାମ୍ ସମ୍ବନ୍ଧରେ ଏକଥା କହୁଛନ୍ତି ଯେ ତାହାର ଏହି ହୁକୁମ୍ (ଆଦେଶ) କାର୍ଯ୍ୟକ୍ଷମ ନୁହେଁ । ଯଦି ଏମିତି (ଚିନ୍ତାଧାରା) ରହିଛି ତା'ହେଲେ ଆଉ କ'ଣ ବାକି ରହିଲା ? ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବୁଦ୍ଧି ଓ ବିବେକ ଦିଅନ୍ତୁ ଯେ ସେମାନେ ନିଜର ବ୍ୟକ୍ତିଗତ ଦୋଷ ଦୃବଳତାକୁ ଇସ୍‌ଲାମ୍ ସହିତ ଯୋଡ଼ନ୍ତୁ ନାହିଁ । ସେମାନେ ନିଜେ ତ' ସଠିକ କାର୍ଯ୍ୟ/କର୍ମ କରୁନାହାନ୍ତି କିନ୍ତୁ ଫଳାଫଳର ତ୍ରୁଟିକୁ ପବିତ୍ର କୁର୍‌ଆନ୍ ଆଡ଼କୁ ଦର୍ଶାଉଛନ୍ତି ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୮ **ୱ ଇଜ୍ ତାଜନା ରବ୍‌ବୁକୁମ୍ ଲଇନ୍ ଶକର୍‌ତୁମ୍ ଲଅଜିଦନ୍ନକୁମ୍ ୱଲଇନ୍ କଫର୍‌ତୁମ୍ ଇନ୍ନା ଅଜାବି ଲଶଦିଦ୍** ର ବ୍ୟାଖ୍ୟା କରି କହିଛନ୍ତି:-

ଏହି ଆୟତରେ ଗୋଟିଏ ମହାନ ନିୟମ ବତାଯାଇଅଛି ଯେ ସମସ୍ତ ଉନ୍ନତି ଓ ବିକାଶର ମୂଳ ହେଉଛି କୃତଜ୍ଞତା ପ୍ରକାଶ କରିବା । ଶୁକ୍‌ର୍ (କୃତଜ୍ଞତା ପ୍ରକାଶ କରିବା)ର ଅର୍ଥ, ଯେପରିକି ଅଭିଧାନରେ ବ୍ୟାଖ୍ୟା କରାଯାଇଅଛି ଯେ, କୃତଜ୍ଞ ହେବା ଓ ଉପକାରୀ ବ୍ୟକ୍ତିର ପ୍ରଶଂସା କରିବା । ଅଲ୍ଲାଃ ତାଲାଙ୍କ ପ୍ରଶଂସା ଏପରି ହୋଇଥାଏ ଯେ, ଅଲ୍ଲାଃଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ବସ୍ତୁକୁ ମଣିଷ ଉତ୍କର୍ଷତାର ସହିତ ଓ ସଠିକ୍ ସ୍ଥାନ/କାଳ/ପାତ୍ର ଅନୁସାରେ ବ୍ୟବହାର କରୁ । ଯେତେବେଳେ ଜଣେ ବ୍ୟକ୍ତି କାହାର ଦିଆଯିବା ଜିନିଷକୁ ବ୍ୟବହାର କରେନାହିଁ, ସେତେବେଳେ ତାହାର ପ୍ରଶଂସା କରିବା କେବଳ ମୌଖିକ ପ୍ରଂଶସା ହେବ । ଶୁକର୍ (କୃତଜ୍ଞତା ଜ୍ଞାପନ କରିବା) ହେବ

ନାହିଁ, କୃତଜ୍ଞତା ଜ୍ଞାପନ କରିବ ପାଇଁ ଏହା ଜରୁରୀ ଅଟେ ଯେ, ସଠିକ୍ ଓ ଉପଯୁକ୍ତ ବ୍ୟବହାର ମଧ୍ୟ ହେଉ । ଏହି ନିୟମ ହେଉଛି ସମସ୍ତ ଉନ୍ନତି ଓ ବିକାଶର ଭେଦ । ଯଦି ଜ୍ଞାନକୁ ସଠିକ୍ ଭାବରେ ବ୍ୟବହାର କରାଯାଏ ତେବେ ଜ୍ଞାନର ବିକାଶ ନିଶ୍ଚିତ ରୂପେ ହେବ । ଆଖି, ହାତ, ନାକ ଏବଂ କାନ ତଥା ପ୍ରତ୍ୟେକ ଅଙ୍ଗ ଯାହାର ସଠିକ୍ ବ୍ୟବହାର କରାଯାଇଥାଏ, ତାହା ନିଶ୍ଚିତ ଭାବରେ ଉନ୍ନତି କରିଥାଏ । ଏହା ଏକ ସାଧାରଣ ନିୟମ । ଏଥିରେ ହିନ୍ଦୁ, ମୁସଲମାନ ତଥା ଖ୍ରୀଷ୍ଟିୟାନ୍ ମଧ୍ୟରେ କିଛି ପ୍ରଭେଦ ନାହିଁ । ମୁସଲମାନମାନେ ଧନକୁ ସଠିକ ଭାବରେ ବ୍ୟବହାର କରୁନାହାନ୍ତି ତେଣୁ ସେମାନେ ତଳେ ପଡ଼ିଛନ୍ତି ଯେବେକି ହିନ୍ଦୁ ଏହାର ସଠିକ୍ ବ୍ୟବହାର କରି ଉନ୍ନତି କରି ଚାଲିଛନ୍ତି ।

ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ଏହି ସମାନ ଅବସ୍ଥା । ପବିତ୍ର କୁର୍‌ଆନ୍‌କୁ ଦେଖନ୍ତୁ ଯେତେବେଳେ ମୁସଲମାନମାନେ ଏହାର ସଠିକ୍ ବ୍ୟବହାର କରୁଥିଲେ ସେତେବେଳେ ନା ଦର୍ଶନ ନା ଯୁକ୍ତିଯୁକ୍ତତା ଏବଂ ନା ଖ୍ରୀଷ୍ଟିଆନ୍ ନା ଇହୁଦୀ ଇତ୍ୟାଦି ଧର୍ମ ଇସ୍‌ଲାମ୍‌ର ମୁକାବିଲା କରିବାକୁ କେହି ବି ସାହାସ କରିପାରିଲେ ନାହିଁ । କିନ୍ତୁ ବର୍ତ୍ତମାନ ବେଦ, ତୌରାତ୍ ଏବଂ ଇଞ୍ଜିଲ୍ ସମସ୍ତେ ନିଜକୁ ଆଗରେ ଉପସ୍ଥାପନ କରୁଅଛନ୍ତି ଏବଂ ଅପରପକ୍ଷେ ବୌଦ୍ଧିକ ଜ୍ଞାନ ତାହା ଉପରେ ଆକ୍ରମଣ କରିଚାଲିଛି । କେବେ ଇସ୍‌ଲାମ୍ କୁଫ୍‌ର୍ (ଅର୍ଥାତ ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରଖୁଥିବା ଲୋକମାନଙ୍କ ଚିନ୍ତାଧାରା)କୁ ଶେଷ କରିଦେଉଥିଲା, ଆଜି ଅବିଶ୍ୱାସ ଇସ୍‌ଲାମ୍‌କୁ ଖାଉଅଛି । ଯେଉଁଠି ମୁସଲମାନମାନେ ହିଁ ଇସ୍‌ଲାମ୍ ସମ୍ବନ୍ଧରେ ଏକଥା କହୁଛନ୍ତି ଯେ ତାହାର ଏହି ହୁକୁମ୍ (ଆଦେଶ) କାର୍ଯ୍ୟକ୍ଷମ ନୁହେଁ । ଯଦି ଏମିତି (ଚିନ୍ତାଧାରା) ରହିଛି ତା'ହେଲେ ଆଉ କ'ଣ ବାକି ରହିଲା ? ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବୁଦ୍ଧି ଓ ବିବେକ ଦିଅନ୍ତୁ ଯେ ସେମାନେ ନିଜର ବ୍ୟକ୍ତିଗତ ଦୋଷ ଦୁର୍ବଳତାକୁ ଇସ୍‌ଲାମ୍ ସହିତ ଯୋଡ଼ନ୍ତୁ ନାହିଁ । ସେମାନେ ନିଜେ ତ' ସଠିକ କାର୍ଯ୍ୟ/କର୍ମ କରୁନାହାନ୍ତି କିନ୍ତୁ ଫଳାଫଳର ତ୍ରୁଟିକୁ ପବିତ୍ର କୁର୍‌ଆନ୍ ଆଡ଼କୁ ଦର୍ଶାଉଛନ୍ତି । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୪୭.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ଇଲାକାରେ ସହୃଦୟତାର ସହିତ ଆପଣମାନଙ୍କ ସଙ୍ଗେ ମିଳାମିଶା କରୁଛନ୍ତି ଓ ଆପଣମାନେ ମଧ୍ୟ ସେମାନଙ୍କୁ ଗ୍ରହଣ କରୁଛନ୍ତି । ପରସ୍ପର ମଧ୍ୟରେ ଯେଉଁ ସୁସମ୍ପର୍କ ରହିଛି ସେଥିପାଇଁ ଆପଣମାନେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି । ଏହା ଆମ ପାଇଁ ବହୁତ ଖୁସିର କଥା । ଆମର ଏହି ଖୁସିରେ ସାମିଲ ହେବାପାଇଁ ଏଠାକୁ ଆସିବା ଏହି ଖୁସିକୁ ଦୁଇଗୁଣା କରିଦେଉଛି ଯେ, ଅହେମଦୀ ମୁସଲମାନମାନେ ବାସ୍ତବିକ ନିଜ ପଡ଼ୋଶୀମାନଙ୍କର ମଧ୍ୟ ଖିଆଲ ରଖୁଛନ୍ତି । ଓ ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ରଖିଛନ୍ତି ଏହି ଧନ୍ୟବାଦ ଅର୍ପଣ କରିବାପରେ ମୁଁ ଆଉ କିଛି କଥା ଏଠାରେ କହିବି ।

ହଜୁର ଅନୱ୍ୱର ଅ:ବ:ଅ କହିଲେ, ଅମୀର ସାହେବ ବତାଇଲେ ଯେ, ଏ ଇଲାକାଟି ହେଉଛି ଗୋଟିଏ ଛୋଟିଆ ଗାଁ ଇଲାକା ଏବଂ ଏହି ଛୋଟିଆ ଜନବସତିରେ ଆମର ଏ ମସ୍‌ଜିଦ୍‌ଟି ହେଉଛି ପ୍ରଥମ ମସ୍‌ଜିଦ୍ । ଛୋଟିଆ ଗ୍ରାମ ହେବା ବା ବଡ଼ ସହର ହେବାରେ କୌଣସି ଗୁରୁତ୍ୱ ରଖୁନାହିଁ । ଅସଲ କଥା ହେଉଛି ଏହା କି, ସେଠିକାର ଲୋକମାନଙ୍କର ନୈତିକତା ଓ ସେମାନଙ୍କର ଆପୋଷରେ ମିଳାମିଶା ରଖିବା ଓ ଏକଥାକୁ ବୁଝିବା । ବରଂ ଛୋଟିଆ ସ୍ଥାନରେ ଅଧିକ ସରଳତା ଓ ଅଧିକ ନିଷ୍ଠାଭାବ ରହିଥାଏ । ଛୋଟ ସହରରେ ରହୁଥିବା ଲୋକମାନେ କସବାରେ ରହୁଥିବା ଲୋକମାନେ ତଥା ଗ୍ରାମ ଗହଳିରେ ରହୁଥିବା ଲୋକମାନେ ସହରରେ ରହୁଥିବା ଲୋକମାନଙ୍କ ତୁଳନାରେ ଅଧିକା ସରଳ ହୋଇଥାନ୍ତି ଓ ଏହା ବହୁତ ବଢ଼ିଆ କଥା ସେଥିପାଇଁ ସହରରେ ରହୁଥିବା ଅନେକ ଲୋକେ ଏହା ପସନ୍ଦ କରିଥାନ୍ତି ଯେ, ସେମାନେ ସହର ବାହାରକୁ ଯାଇ ନିଜର ଘର ବନେଇ ରହିବେ । ମୁଁ ୟୁ.କେ ରେ ରହୁଛି ସେଠାରେ ତ' ଲୋକମାନଙ୍କର ବହୁତ ଏ ପ୍ରଥା ଅଛି ଯେ, ଯେଉଁ ଲୋକମାନେ ଅଫର୍ଡ଼ କରିପାରିବେ ସେମାନେ ବାହାରକୁ ଯାଇ ଖୋଲା ପରିବେଶରେ ନିଜର ଘର ତିଆରି କରୁଛନ୍ତି । ତାହାର ଗୋଟିଏ ଲାଭ ହେଉଛି ଏହା କି, ଗୋଟିଏ ସାଧାସିଧା ପରିବେଶ ମିଳୁଛି ଓ ତାହାର ଦ୍ୱିତୀୟ ବଡ଼ ଲାଭ ହେଉଛି ଏହା କି, ଖୋଲା ବାତାବରଣ ଓ ସବୁପ୍ରକାର ପ୍ରଦୂଷଣ ମୁକ୍ତ ପରିବେଶ ଏବଂ ସେଠାରେ ତାଜା ବାୟୁ ଉପଲବ୍ଧ ହୋଇଥାଏ । ଏହି ଦୃଷ୍ଟିକୋଣରୁ ମୁଁ ଭାବୁଛି ଏହି ସ୍ଥାନଟି ଆମ ପାଇଁ ଯଦିଚ ଗୋଟିଏ ଛୋଟିଆ ସ୍ଥାନ କିନ୍ତୁ ଏଠିକାର ବାସିନ୍ଦାମାନେ ଯେଉଁଭଳି ଖୋଲାବାତରବରଣରେ ରହି ନିଜକୁ ସର୍ବଦା ତାଜା ରଖୁଛନ୍ତି ସେହିପରି ମୋର ଏ ଆଶା ମଧ୍ୟ ଅଛି ଯେ, ଏହି ଲୋକମାନେ ସେମାନଙ୍କ ସରଳ ପଣିଆ ଯୋଗୁଁ ନିଜର ଆନ୍ତରିକତାକୁ ମଧ୍ୟ ତାଜା ରଖିବେ ଓ ନିଜର ସୃଷ୍ଟିକର୍ତ୍ତାଙ୍କ ସହିତ ରଖିଥିବା ସମ୍ପର୍କକୁ ମଧ୍ୟ ସର୍ବଦା ତାଜା ରଖିବେ ।

ହଜୁର ଅନୱ୍ୱର ଅ:ବ:ଅ କହିଲେ, ସେ ଏକଥା ମଧ୍ୟ କହିଛନ୍ତି ଯେ, ଏହା ହେଉଛି ଏକ ଐତିହାସିକ ସ୍ଥାନ । ଇତିହାସ ବହୁତ ଗୁରୁତ୍ୱ ରଖିଥାଏ ତେଣୁ ଲୋକମାନଙ୍କୁ ନିଜ ଇତିହାସର ସୁରକ୍ଷା କରିବା ଉଚିତ ଏବଂ ଇତିହାସ ହିଁ ଲୋକମାନଙ୍କ ଆଖି ଆଗରୁ ଲୁପ୍ତ ହୋଇଥିବା ତଥ୍ୟକୁ ସାମନାକୁ ଆଣିଥାଏ । ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି କୁହାଯାଉଛି, ଲୋକମାନଙ୍କ ମନରେ ବହୁତ ସଙ୍କା ରହିଛି । ଯଦି ଆମେ ଇସ୍‌ଲାମ୍‌ର ଇତିହାସକୁ ଦେଖିବା । ତେବେ ଯେଉଁ ଶଙ୍କା ରହିଛି ଯେ, ମୁସଲମାନମାନେ ହେଉଛନ୍ତି ବୋଧ ହୁଏ କଟରପନ୍ଥୀ, ସନ୍ତ୍ରାସବାଦୀ, ଏହାକୁ ଇତିହାସ ମିଥ୍ୟା ବୋଲି ପ୍ରମାଣିତ କରିଥାଏ । ଯଦି ଆମେ ଇସ୍‌ଲାମ୍‌ର ପ୍ରାରମ୍ଭିକ ଇତିହାସକୁ ଦେଖୁଅଛେ ତେବେ ଇସ୍‌ଲାମ୍‌ର ସଂସ୍ଥାପକ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏବଂ ଆପଣଙ୍କ ଅନୁଯାୟୀମାନେ ୧୩ ବର୍ଷ ପର୍ଯ୍ୟନ୍ତ ମକ୍କାରେ ବିରୋଧର ସାମନା କଲେ । ଶତୃମାନେ ଏମାନଙ୍କୁ ବହୁତ ଦୁଃଖ କଷ୍ଟ ଦେଲେ, ଅତ୍ୟାଚାର କଲେ । ମୁସଲମାନ ହେଉଥିବା ଲୋକମାନଙ୍କୁ ହତ୍ୟା କରିଦେଲେ । ତେଣୁ ଶେଷରେ ବାଧ ହୋଇ ମୁସଲମାନମାନେ ହିଜ୍‌ରତ୍ କରି ମଦିନା ଚାଲିଗଲେ ଓ ସେଠାରେ ଗୋଟିଏ ଛୋଟିଆ ଇସ୍‌ଲାମୀୟ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇଗଲା ଓ ସେଠାରେ ଯେଉଁ ସାମ୍ରାଜ୍ୟ ପ୍ରତିଷ୍ଠା ହେଲା ସେଥିରେ ସମସ୍ତ ମୁସଲମାନ ନଥିଲେ ସେଠାରେ ଅଧିକାଂଶ ଇହୁଦୀ ମଧ୍ୟ ଥିଲେ । ସେମାନଙ୍କ ସହିତ ସନ୍ଧୀ ହେଲା ଓ ଏହି ସନ୍ଧୀ ଓ ଚୁକ୍ତି ଅନ୍ତର୍ଗତ ପ୍ରତ୍ୟେକ ଧର୍ମ ନିଜ ନିଜର ଧର୍ମ ବିଧାନ ଅନୁସାରେ ନିଜ ନିଜର ସମସ୍ୟା ଗୁଡ଼ିକୁ ସମାଧାନ କରିବାପାଇଁ ଅଧିକାର ପାଇଲେ ଓ ଯେଉଁ କାନୁନ୍ ଗୁଡ଼ିକ ସମସ୍ତଙ୍କ ପାଇଁ ସମାନ ଥିଲା ତାହାକୁ ପାଳନ କରିବାପାଇଁ ପ୍ରତ୍ୟେକ ଧର୍ମର ଲୋକମାନେ ପ୍ରତିବଦ୍ଧ ଥିଲେ ।

ହଜୁର ଅନୱ୍ୱର ଅ:ବ:ଅ କହିଲେ, ଯଦି ଏ କଥା କୁହାଯାଏ ଯେ, ମୁସଲମାନମାନଙ୍କ ମଧ୍ୟରେ ଚରମପନ୍ଥୀ କାର୍ଯ୍ୟାକଳାପ ଥିଲା ଓ ସେମାନେ ଏଥିପାଇଁ ଯୁଦ୍ଧ କରିଛନ୍ତି ଯେ, ସେମାନେ ନିଜର ଧର୍ମର ପ୍ରଚାର କରିପାରିବେ । ଯଦିଚ ଏ ସମ୍ବନ୍ଧରେ ମୁଁ ପୂର୍ବରୁ ମଧ୍ୟ ବିଭିନ୍ନ ଅବସରରେ ବହୁତ କିଛି କଥା କହିସାରିଛି । ଯେଉଁମାନେ ଆମ ଯମାତ୍ ସହିତ ପରିଚିତ ବୋଧ ହୁଏ ସେମାନେ ଏ ବିଷୟ ପଢ଼ିଥିବେ ମଧ୍ୟ କିନ୍ତୁ ଏଠାରେ ଏପରି ବହୁତ ଲୋକେ ଥିବେ ଯେଉଁମାନେ ସେହି ଇତିହାସ ବିଷୟରେ ଜାଣିନଥିବେ । ସଂକ୍ଷିପ୍ତରେ ବତାଇ ଦେଉଛି ଯେ, ହିଜ୍‌ରତ୍ କରି ମଦିନା ଆସିବା ପରେ, ଏତେ ଅତ୍ୟାଚାର ସହିବା ପରେ ଯେତେବେଳେ ଏହି ମୁସଲମାନମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ସ୍ଥାନିୟ ଲୋକମାନଙ୍କ ସହିତ ରହିବାକୁ ଆରମ୍ଭ କଲେ । ଯେଉଁଠି ବିଭିନ୍ନ ଧର୍ମ ଓ ବିଭିନ୍ନ କବିଲାର ଲୋକମାନେ ମଧ୍ୟ ଥିଲେ । ଏମିତି ଶାନ୍ତିରେ ରହିବା ସତ୍ୱେ ମଧ୍ୟ ମକ୍କାର ଲୋକମାନେ ମୁସଲମାନମାନଙ୍କୁ ଶାନ୍ତିରେ ରହିବାକୁ ଦେଲେନାହିଁ ଏବଂ ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ଓ ଏହି ଆକ୍ରମଣର ଉତର ଦେବାପାଇଁ ଈଶ୍ୱର ପବିତ୍ର କୁର୍‌ଆନ୍ କରିମ୍‌ରେ ଯେଉଁ ପ୍ରଥମ ନର୍ଦ୍ଦେଶ ପ୍ରଦାନ କରିଛନ୍ତି ତାହା ହେଉଛି ଏହା କି, ଯେଉଁ ଲୋକମାନେ ଆକ୍ରମଣ କରୁଛନ୍ତି ସେମାନେ ହେଉଛନ୍ତି ଧର୍ମର ବିରୋଧି ଯଦି ସେମାନଙ୍କର ଉତର କଠୋରତାର ସହିତ ନ ଦିଆଯାଏ ତାହେଲେ ନା କୌଣସି ସିନାଗଜ୍ ବାକି ରହିବ, ନା ଚର୍ଚ୍ଚ ବାକି ରହିବ, ନା କୌଣସି ଉପାନା ପୀଠ ବାକି ରହିବ ଏବଂ ନା କୌଣସି ମସ୍‌ଜିଦ୍ ବାକି ରହିବ । ଏହି ଆୟତରେ ଯଦି ଆମେ କ୍ରମକୁ ଦେଖିବା ତେବେ ମସ୍‌ଜିଦ୍‌ର ନାମ ପ୍ରଥମେ ଆସିନାହିଁ । ମସ୍‌ଜିଦ୍‌ର ନାମଟି ଶେଷରେ ଆସିଛି । ତେଣୁ ସେମାନଙ୍କ ଆକ୍ରମରଣର ଉତର ଦେବା ଏଥିପାଇଁ ଜରୁରୀଯେ, ଧର୍ମର ସୁରକ୍ଷା କରାଯାଇପାରିବ କାରଣ ସେମାନେ ହେଉଛନ୍ତି ଧର୍ମ ବିରୋଧି ତତ୍ୱ । ତା'ପରେ ଯଦି କୌଣସି ଯୁଦ୍ଧର ସଠିକ୍ ଭାବେ ଅନୁଶୀଳନ କରାଯାଏ ଓ ନ୍ୟାୟପୂର୍ଣ୍ଣ ନିରୀକ୍ଷଣ କରାଯାଏ ତେବେ ଏହା ଜଣାପଡ଼ିବ ଯେ, ମୁସଲମାନମାନଙ୍କ ଉପରେ ଯୁଦ୍ଧ ଥୋପି ଦିଆଯାଇଥିଲା । ସେମାନଙ୍କୁ କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରାଯାଇଥିଲା । ସେମାନଙ୍କ ଉପର ଆକ୍ରମଣ କରାଗଲା । ତା'ପରେ ଯାଇ ଏହି ସମସ୍ତ ଉତରରେ ମୁସଲମାନମାନେ ମଧ୍ୟ ଯୁଦ୍ଧ ଲଢ଼ିଲେ । ସେ ଯାହା ହେଉ ଏହି ଇତିହାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମୁଁ ସଂକ୍ଷିପ୍ତ ସମୟ ଭିତରେ ଇସ୍‌ଲାମ୍‌ର ଇତିହାସକୁ ମଧ୍ୟ ବତାଇ ଦେଲି ଯେ, ଯଦି ପାଶ୍ଚାତ୍ୟ ଦେଶଗୁଡ଼ିକରେ ରହୁଥିବା ଲୋକମାନଙ୍କ କିଛି ସଂଶୟ ଥାଏ ତାହେଲେ ତାହା ଦୂର ହୋଇଯିବ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

## : ଖୁତ୍‌ବା ଜୁମା :

# ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ବର୍ଣ୍ଣନା

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍: ୧୧ ଜୁନ ୨୦୨୧ ଅନୁଯାୟୀ ୧୧ ଏହ୍‌ସାନ୍ ୧୪୦୦ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବିଗତ ଖୁତ୍‌ବାରେ ହଜ୍‌ରତ୍ ଉମର୍ ର:ଅଙ୍କର ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ସୁଲହ୍ ହୁଦେବିୟା ପ୍ରସଙ୍ଗରେ ମଧ୍ୟ ଚର୍ଚ୍ଚା ଚାଲିଥିଲା । ସୁଲହ୍ ହୁଦେବିୟା ସଂପର୍କରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସୁଲହ୍ ହୁଦେବିୟାର ବିରୁଦ୍ଧାଚାରଣ କରି ଯେତେବେଳେ ବନୁ ବକ୍କର ଯିଏ କୁରେଶ୍‌ର ମିତ୍ର ଥିଲେ, ସେ ମୁସଲମାନମାନଙ୍କର ମିତ୍ର ବନୁ ଖଜାଅ ସଂପ୍ରଦାୟ ଉପରେ ଆକ୍ରମଣ କରିଦେଲେ ଓ କୁରେଶ୍‌ମାନେ ଅସ୍ତ୍ର ଏବଂ ଅନ୍ୟ ବାହନ ମାଧ୍ୟମରେ ବନୁ ବକ୍କର୍‌ର ସାହାଯ୍ୟ ମଧ୍ୟ କଲେ ଏବଂ ହୁଦେବିୟାର ସର୍ତ୍ତକୁ ମଧ୍ୟ ଭ୍ରୁକ୍ଷେପ କଲେନାହିଁ । ସେତେବେଳେ ଅବୁ ସୁଫିୟାନ୍ ମଦିନାକୁ ଆସିଲେ ଏବଂ ସୁଲହ୍ ହୁଦେବିୟା ଚୁକ୍ତିର ପୁନଃ ସଂଶୋଧନ ଚାହିଁଲା । ସେ ଆଁ ହଜ୍‌ରତ୍ ସ:ଆ:ସ ନିକଟକୁ ଗଲା କିନ୍ତୁ ଆପଣ ସ:ଆ:ସ ତା' କଥାର କୌଣସି ଉତର ଦେଲେ ନାହିଁ । ପୁନଶ୍ଚ ସେ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ଗଲା ଏବଂ ତାଙ୍କ ସହିତ କଥା ହେଲା ଯେ, ରସୁଲ୍ ସ:ଆ:ସଙ୍କ ସହିତ ଏ ବିଷୟରେ କଥା ହୁଅନ୍ତୁ କିନ୍ତୁ ସେ ମଧ୍ୟ କହିଲେ ଯେ, ମୁଁ ଏପରି କରିବି ନାହିଁ । ପୁନଶ୍ଚ ଅବୁ ସୁଫିୟାନ୍ ହଜ୍‌ରତ୍ ଉମର ର:ଅଙ୍କ ନିକଟକୁ ଆସିଲା ଏବଂ ତାଙ୍କ ସହିତ କଥା ହେଲା । ସେ ଉତର ଦେଲା ଯେ କ'ଣ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ତୁମର ସୁପାରିଶ କରିବି ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯଦି ମୋ ନିକଟରେ କୁଟାଟିଏ ବି ଥାଏ ତେବେ ମୁଁ ସେହି କୁଟା ସାହାଯ୍ୟରେ ତୁମମାନଙ୍କ ସହିତ ଯୁଦ୍ଧ କରିବି ।

*(ସିରତ୍ ଇବ୍‌ନେ ହୁଶାମ୍ ପୃ-୭୩୫....ବେରୁତ ୨୦୦୧)*
*(ଅଲ୍‌କାମିଲ୍ ଫିତ୍ ତାରିଖ୍ ଖଣ୍ଡ-୨, ପୃ-୧୧୫.....ବେରୁତ ୨୦୧୨)*

ମକ୍କା ବିଜୟର ଚର୍ଚ୍ଚା କରି ଡ଼ାକ୍ତର ଅଲୀ ମୁହମ୍ମଦ୍ ସଲାବି ଉଲ୍ଲେଖ କରନ୍ତି ଯେ, ଯେତେବେଳେ ରସୁଲ୍ କରୀମ୍ ସ:ଆ:ସ ମରୁଜ୍ ଜହ୍‌ରାନ୍‌ଠାରେ ପହଂଚିଲେ ସେତେବେଳେ ଅବୁ ସୁଫିୟାନ୍ ନିଜ ସମ୍ପର୍କରେ ଚିନ୍ତା କରିବାକୁ ଲାଗିଲା । ରସୁଲେ୍ କରିମ୍ ସ:ଆ:ସଙ୍କ ଚଚା ହଜ୍‌ରତ୍ ଅବ୍‌ବାସ୍ ର:ଅ ତା'କୁ ପରାମର୍ଶ ଦେଲେ ଯେ, ରସୁଲ୍ ସ:ଆ:ସଙ୍କ ଠାରୁ ସେମାନେ ସୁରକ୍ଷା ଭିକ୍ଷା କରି ନିଅନ୍ତୁ ।

ହଜ୍‌ରତ୍ ଅବ୍‌ବାସ୍ ର:ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଅବୁ ସୁଫିୟାନକୁ କହିଲି ତୋର ଅନିଷ୍ଟ ହେଉ ଦେଖ ଆଁ ହଜ୍‌ରତ୍ ସ:ଆ:ସ ଲୋକମାନଙ୍କ ଗହଣରେ ଉପସ୍ଥିତ ଅଛନ୍ତି । ଅବୁ ସୁଫିୟାନ କହିବାକୁ ଲାଗିଲା ଯେ, ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ଏଥିରୁ ବର୍ତିବା ବା ନିସ୍ତାର ମିଳିବା ପାଇଁ ଉପାୟ ବତାନ୍ତୁ, ମୁଁ କହିଲି ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯଦି ସେ ତୁମକୁ ଗିରଫ କରିନିଅନ୍ତି ତାହେଲେ ତୁମକୁ ବନ୍ଧ କରିଦେବେ । ମୋ ପଛରେ ଗଧ ଉପରେ ଆରୋହଣ ହୋଇଯାଅ ମୁଁ ତୁମକୁ ହଜୁର ସ:ଆ:ସଙ୍କ ନିକଟକୁ ନେଇଯିବି ଏବଂ ପୁନଶ୍ଚ ତୁମ ପାଇଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ସୁରକ୍ଷା ଭିକ୍ଷା ବା ଜୀବନ ଭିକ୍ଷା ମାଗିବି । ହଜ୍‌ରତ୍ ଅବ୍‌ବାସ୍ କୁହନ୍ତି ଯେ, ସେ ମୋ ପଛରେ ଆରୋହଣ ହୋଇଗଲେ । ମୁଁ ଯେତେବେଳେ ବି କୌଣସି ମୁସଲମାନମାନଙ୍କ ଦ୍ୱାରା ପ୍ରଜ୍ୱଳିତ କରାଯାଇଥିବା ଅଗ୍ନୀ ନିକଟ ଦେଇ ଅତିକ୍ରମ କରୁଥିଲି ସେତେବେଳେ ସେ ପଚାରୁଥିଲେ ଯେ, ଏ କିଏ ? ଆଁ ହଜ୍‌ରତ୍ ସ:ଆ:ସଙ୍କ ଗଧକୁ ଯେତେବେଳେ ସେମାନେ ଦେଖୁଥିଲେ ଯେ ମୁଁ ଗଧ ଉପରେ ଆରୋହଣ ହୋଇଅଛି ତେବେ ସେ କହୁଥିଲେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚଚା ଆପଣ ସ:ଆ:ସଙ୍କ ଗଧ ଉପରେ ଆରୋହଣ ହୋଇଛନ୍ତି । ଏପରି କି ଯେତେବେଳେ ମୁଁ ଉମର୍ ବିନ୍ ଖତାବ୍ ର:ଅଙ୍କ ଅଗ୍ନୀ ନିକଟ ଦେଇ ଅତିକ୍ରମ କଲି ସେତେବେଳେ ସେ କହିଲେ ଯେ, ଏ କିଏ ? ଅବୁ ସୁଫିୟାନ୍ ମୋ ନିକଟରେ ଛିଡ଼ା ହୋଇଥିଲେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଅବୁ ସୁଫିୟାନକୁ ଦେଖିଲେ ସେତେବେଳେ ସେ କହିଲେ, ଇଏ ଅବୁ ସୁଫିୟାନ୍ ଅଲ୍ଲାଃ ତାଲାଙ୍କ ଶତ୍ରୁ ! ସକଳ ପ୍ରଶଂସା ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ ଯିଏ ବିନା କୌଣସି ସର୍ତ୍ତ ଓ ଚୁକ୍ତିରେ ତୋ ଉପରେ ବିଜୟ ଲାଭ ପ୍ରଦାନ କରିଛନ୍ତ । ପୁନଶ୍ଚ ହଜ୍‌ରତ୍ ଅବ୍‌ବାସ୍ ର:ଅ ଆକର୍ଷିତ ହୋଇ ରସୁଲେ୍ କରିମ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଅର୍ଥାତ ଅବୁ ସୁଫିୟାନକୁ ଧରି ଉପସ୍ଥିତ ହେଲେ ଏବଂ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଓ ସେ କହିଲେ: ହେ ଅଲ୍ଲାଃଙ୍କ ବାର୍ତାବହ ମତେ ଅନୁମତି ପ୍ରଦାନ କରନ୍ତୁ ଯେ ମୁଁ ତା ମୁଣ୍ଡକୁ କାଟିଦେବି । ହଜ୍‌ରତ୍ ଅବ୍‌ବାସ୍ ର:ଅ କୁହନ୍ତି ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୁଁ ତାକୁ ସୁରକ୍ଷା ଦେଇଅଛି । ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ନିଜ କଥା ଉପରେ ଅଟଳ ତଥା ଅଝଟ କଲେ ସେତେବେଳେ ମୁଁ କହିଲି ହେ ଉମର୍ ! ରୁହ ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯଦି ଏହାର ସମ୍ପର୍କ ବନୁ ଅଦି ସହିତ ଥାଆନ୍ତା ତାହେଲେ ତୁମେ ଏପରି କହିନଥାନ୍ତ ଏବଂ ତୁମେ ଜାଣ ଯେ, ସେ ବନୁ ଅବ୍‌ଦେ ମୁନାଫ୍ ସମ୍ପ୍ରଦାୟର ବ୍ୟକ୍ତି ଅଟେ । ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ କହିବାକୁ ଲାଗିଲେ ଯେ, ହେ ଅବ୍‌ବାସ ରୁହ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଯେଉଁ ଦିନ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲ ମୁଁ ସେତେବେଳେ ଏତେ ଆନନ୍ଦିତ ହୋଇଥିଲି ଯେ, ଯଦି ମୋ ପିତା ଖତାବ୍ ମଧ୍ୟ ବିଶ୍ୱାସ ନେଇ ଆସିଥାନ୍ତେ ତାହେଲେ ମୁଁ ସେତେ ଆନନ୍ଦିତ ହୋଇନଥାନ୍ତି । ମୁଁ ଜାଣିଥିଲି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କୁ ତୁମର ବିଶ୍ୱାସ ଆଣିବା ଅଧିକ ପସନ୍ଦ ବା ପ୍ରୀୟ ଥିଲା ।  ଖତାବ୍‌ଙ୍କ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବାଠାରୁ ଅଧିକ ପ୍ରୀୟ ଥିଲା । ଯଦି ସେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥାନ୍ତେ । ଏହାପରେ ରସୁଲୁଲ୍ଲାଃ ସ:ଆ:ସ କହିଲେ, ହେ ଅବ୍‌ବାସ ! ଅବୁ ସୁଫିୟାନକୁ ନିଜ ସହିତ ନେଇ ଯାଅ ଏବଂ ସକାଳେ ନେଇ ଆସିବ ।

*(ଉମର୍ ବିନ୍ ଖତାବ୍ ର:ଅ ଅଲୀ ମୁହମ୍ମଦ୍ ସଲାବି ପୃ-୫୨.....ବେରୁତ ୨୦୦୭)*

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅ ଓ ଅବ୍‌ବାସ ର:ଅଙ୍କ ମଧ୍ୟରେ ଏହି କଥୋପକଥନ ଜାରି ରହିଥିଲା । ପରିଶେଷରେ ରସୁଲେ୍ କରିମ୍ ସ:ଆ:ସ ହଜ୍‌ରତ୍ ଅବ୍‌ବାସ୍‌କୁ ଏହା କହିଲେ ଯେ, ତାକୁ ନେଇ ଯାଅ । ଅର୍ଥାତ ତୁମେ ତାକୁ ଶରଣ ଦେଇଛ ତେଣୁ ସାଥିରେ ନେଇଯାଅ ଏବଂ ତାକୁ କିଛି କହିବ ନାହିଁ ।

ଅବୁବକର ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବର୍ଣ୍ଣନା କରନ୍ତି ଯେ, ଶାବାନ୍ ମାସ ୭ ହିଜ୍‌ରୀରେ ରସୁଲ୍ କରୀମ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଏକ ସରିୟାରେ (ଅର୍ଥାତ ଯେଉଁ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ସ୍ୱୟଂ ସାମିଲ ହୋଇ ନଥିଲେ) ୩୦ ଜଣ ବ୍ୟକ୍ତିଙ୍କ ସହିତ ତୁର୍ବା ନାମକ ସ୍ଥାନକୁ ହୱାଜିନ୍ କବିଲାର ଏକ ଶାଖା ଆଡ଼କୁ ପ୍ରେରଣ କରିଥିଲେ । ତୁର୍ବା ମକ୍କାଠାରୁ ଦୁଇଦିନର ଯାତ୍ରା ବ୍ୟବଧାନରେ ଏକ ଉପତ୍ୟାକାର ନାମ ଅଟେ ଯେଉଁଠି ହୱାଜିନ୍ କବିଲା ବସତି ସ୍ଥାପନ କରିଥିଲା । ଯେତେବେଳେ ଏହି ଦୁଇ ଦିନର ଦୁରତା ପ୍ରସଙ୍ଗରେ କୁହାଯାଏ ସେତେବେଳେ ଏହା ବୁଝିବାକୁ ହେବ ଯେ ଏହା ପୁରୁଣା ଯୁଗରେ ଓଟ ବା ଘୋଡ଼ା ଦ୍ୱାରା ଆରୋହଣ କରି ଯିବାର କଥା । ବୁରୈଦାଃ ଅସ୍‌ଲମିଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ରସୁଲୁଲ୍ଲାଃ ସ:ଆ:ସ ଖୈବରଠାରେ ପଦାର୍ପଣ କଲେ ସେତେବେଳେ ଆପଣ ସ:ଆ:ସ ଇସ୍‌ଲାମ୍‌ର ଧ୍ୱଜାକୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଲେ । ।

*(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୦୬........ ବେରୁତ ୨୦୧୨)*
*(ଫର୍‌ହଙ୍ଗ ସିରତ୍, ପୃ-୭୫........କରାଚି ୨୦୦୩)*

ଜୀବନୀର ପୁସ୍ତକରେ ଉଲ୍ଲେଖ ରହିଛି ଯେ,  ସର୍ବପ୍ରଥମେ ଧ୍ୱଜା ବ୍ୟବହାର ହୋଇଥିବାର ଚର୍ଚ୍ଚା ଖୈବର୍ ଠାରେ ହିଁ ଉଲ୍ଲେଖ ରହିଛି । ଏହା ପୂର୍ବରୁ କେବଳ ପତାକା ବ୍ୟବହାର ହେଉଥିଲା ଅତଏବ ବୁରୈଦାଃ ଅସ୍‌ଲମିଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ଖୈବର ବାସୀଙ୍କ ଭୂମିରେ ଅବତରଣ କଲେ ସେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଧ୍ୱଜା ପ୍ରଦାନ କରିଥିଲେ । ଏହାର ବିସ୍ତୃତ ବିବରଣୀ ଜୀବନୀ ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାନା

କଳା ରଙ୍ଗର ଥିଲା ଏବଂ ଏହା ହଜ୍‌ରତ୍ ଆଇଶା ର:ଅଙ୍କ ଚାଦରରେ ପ୍ରସ୍ତୁତ ହୋଇଥିଲା ବା ତିଆରି ହୋଇଥିଲା, ଉକ୍ତ ବାନାର ନାମ ଉକାବ୍ ଥିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଆଉ ଏକ ଧବଳ ବର୍ଣ୍ଣର ଧ୍ୱଜା ଥିଲା ଯେଉଁ ଧ୍ୱଜାକୁ ଆପଣ ସ:ଆ:ସ ଅଲୀ ର:ଅଙ୍କୁ ପ୍ରଦାନ କରିଥିଲେ । ଆଉ ଏକ ଧ୍ୱଜା ଆପଣ ସ:ଆ:ସ ହୁବାବ୍ ବିନ୍ ମଞ୍ଜୀର୍‌ଙ୍କୁ ଓ ଅନ୍ୟ ଗୋଟିଏ ଧ୍ୱଜା ଆପଣ ସ:ଆ:ସ ସାଆଦ୍ ବିନ୍ ଉବାଦା ର:ଅଙ୍କୁ ପ୍ରଦାନ କରିଥିଲେ । ସେହିପରି ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଖୈବର୍ ଠାରେ ବିରାଜମାନ ହେଲେ ସେତେବେଳେ ଆପଣ ସ:ଆ:ସଙ୍କୁ ଶକିକାର ବ୍ୟଥା (ଅର୍ଦ୍ଧ ମସ୍ତିଷ୍କ ଯନ୍ତ୍ରଣା) ଆରମ୍ଭ ହୋଇଗଲା । ଯଦ୍ୱାରା ଆପଣ ସ:ଆ:ସ ବାହାରକୁ ବାହାରି ପାରିଲେ ନାହିଁ । ଏହି ଅବସରରେ ହଜୁର ସ:ଆ:ସ ପ୍ରଥମେ ହଜ୍‌ରତ୍ ଅବୁବକର ର:ଅଙ୍କୁ ଇସ୍‌ଲାମ୍‌ର ବାନା ପ୍ରଦାନ କଲେ ଓ ତା'ପରେ ତାହାକୁ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରଦାନ କଲେ । ସେହିଦିନ ଘମାଘୋଟ ଯୁଦ୍ଧ ଚାଲିଲା କିନ୍ତୁ ମୁସଲମାନମାନେ ଦୁର୍ଗ ବିଜୟ କରିପାରିଲେ ନାହିଁ । ଅତଏବ ଆପଣ ସ:ଆ:ସ କହିଲେ କାଲି ମୁଁ ସେହି ବ୍ୟକ୍ତିକୁ ଧ୍ୱଜା ଦେବି ଯାହା ମାଧ୍ୟମରେ ଅଲ୍ଲାଃ ତାଲା ବିଜୟ ପ୍ରଦାନ କରିବେ । ଅତଏବ ପରବର୍ତୀ ଦିନ ଧ୍ୱଜା ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ହସ୍ତାନ୍ତର କରିଥିଲେ ଯାହାଙ୍କ ହସ୍ତରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିଥିଲେ । ***(ସୁବୁଲଲ୍ ହୁଦା ୱର୍ ରଶାଦ୍ ଖଣ୍ଡ-୫, ପୃ-୧୨୦,୧୨୦,୧୨୫......ବେରୁତ ୧୯୯୩)***

ଇବ୍‌ନେ ଇସ୍‌ହାକ କୁହନ୍ତି ଯେ, ମୁଁ ଇବ୍‌ନେ ଶିହାବ୍ ଜୁହ୍‌ରିଙ୍କୁ ପଚାରିଲି ଯେ, ହଜୁର ସ:ଆ:ସ କେଉଁ ସର୍ତ ଅନୁଯାୟୀ ଖୈବର୍ ଭୂମିର ଖଜୁରି ଉଦ୍ୟାନକୁ ଇହୁଦୀମାନଙ୍କୁ ପ୍ରଦାନ କରିଥିଲେ । ଜୁହ୍‌ରି କହିଲେ ଯେ, ରସୁଲୁଲ୍ଲାଃ ସ:ଆ:ସ ଯୁଦ୍ଧ ପରେ ଖୈବର୍ ଉପରେ ବିଜୟ ପ୍ରାପ୍ତ କରିଥିଲେ ଏବଂ ଖୈବର୍ ମାଲେ ଫୈ (ଯୁଦ୍ଧ ନ ହୋଇ ଯେଉଁ ଧନସମ୍ପତି ଅଧିକୃତ ହୁଏ) ମଧ୍ୟରୁ ଅନ୍ୟତମ ଥିଲା ଯାହାକୁ ସର୍ବଶକ୍ତିମାନ ଅଲ୍ଲାଃ ତାଲା ରସୁଲ୍ କରୀମ୍ ସ:ଆ:ସଙ୍କୁ ପ୍ରଦାନ କରିଥିଲେ । ତାହାର ପଂଚମାଂଶ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାହାକୁ ଆଁ ହଜ୍‌ରତ୍ ସ:ଆ:ସ ମୁସଲମାନମାନଙ୍କ ମଧ୍ୟରେ ବାଂଟି ଦେଇଥିଲେ । ଇହୁଦୀମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ଯୁଦ୍ଧ ପରେ ନିର୍ବାସନରେ ଯିବା ପାଇଁ ପ୍ରସ୍ତୁତ ହୋଇ ନିଜର ଦୁର୍ଗ ମଧ୍ୟରୁ ତଳକୁ ଓହ୍ଲାଇଲେ, ରସୁଲ୍ କରୀମ୍ ସ:ଆ:ସ ସେମାନଙ୍କୁ ଏହି ସର୍ତରେ ସେମାନଙ୍କ ଧନ ସମ୍ପତି ଫେରସ୍ତ କରିଦେଇଥିଲେ ଯେ, ତୁମେ ଉକ୍ତ ଉଦ୍ୟାନରେ କାମ କରିବ ଏବଂ ଉକ୍ତ ଉଦ୍ୟାନର ଫଳ ଆମମାନଙ୍କ ମଧ୍ୟରେ ଓ ତୁମମାନଙ୍କ ମଧ୍ୟରେ ସମାନ ଭାବରେ ବଂଟନ ହେବ । ଯଦି ତୁମେମାନେ ଏହି ସର୍ତରେ ସହମତି ପ୍ରକାଶ କରିବ ତେବେ ତୁମେମାନେ ଏଠାରେ ନିଜ ସମ୍ପତି ସହିତ ରହିପାରିବ । ମୁଁ ତୁମମାନଙ୍କୁ ସେହିଠାରେ ହିଁ ଥଇଥାନର ବ୍ୟବସ୍ଥା କରିବି ଯେଉଁଠି ଅଲ୍ଲାଃ ତାଲା ଚାହିଁବେ । ଅତଏବ ଇହୁଦୀ ମାନେ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିନେଲେ । ଇହୁଦୀମାନେ ଉକ୍ତ ଉଦ୍ୟାନରେ କାମ କରୁଥାନ୍ତି । ରସୁଲୁଲ୍ଲାଃ ସ:ଆ:ସ ଅବ୍‌ଦୁଲ୍ଲା ବିନ୍ ରୱାହା ର:ଅଙ୍କୁ ସେଠାକୁ ପ୍ରେରଣ କରୁଥିଲେ ଯିଏ କି ସେହି ଉଦ୍ୟାନର ଫଳଗୁଡ଼ିକୁ ସମାନ ଭାବରେ ବାଂଟୁଥିଲେ ଏବଂ ଇହୁଦୀମାନଙ୍କ ପାଇଁ ଫଳକୁ ଆକଳନ କରିବା କ୍ଷେତ୍ରରେ ନ୍ୟାୟର ସହିତ କାର୍ଯ୍ୟ କରୁଥିଲେ । ଏହା ନୁହେଁ ଯେ, ଭଲ ଫଳ ନିଜ ପାଇଁ ରଖିଦେଉଥିଲେ ଏବଂ ଖରାପ ଫଳ ଇହୁଦୀମାନଙ୍କୁ ଦେଇ ଦେଉଥିଲେ । ନା ତାହା ନୁହେଁ ବରଂ ନ୍ୟାୟର ସହିତ ଫଳ ବାଂଟୁଥିଲେ । ପୁନଶ୍ଚ ଅଲ୍ଲାଃ ତାଲା ଯେତେବେଳେ ନିଜର ବାର୍ତାବହଙ୍କୁ ମୃତ୍ୟୁ ପ୍ରଦାନ କଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ମଧ୍ୟ ରସୁଲ୍ କରିମ୍ ସ:ଆ:ସଙ୍କ ପରେ ସେହି ସମାନ ଢ଼ଙ୍ଗରେ ଇହୁଦୀମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିଥିଲେ ଅର୍ଥାତ ନ୍ୟାୟ ପ୍ରଦର୍ଶନ କରିଥିଲେ ଯେଉଁଭଳି ନ୍ୟାୟ ଆଁ ହଜ୍‌ରତ୍ ସ:ଆ:ସ ଇହୁଦୀମାନଙ୍କ ସହିତ ପ୍ରଦର୍ଶନ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ମଧ୍ୟ ନିଜ ଖିଲାଫତ୍ ଶାସନର ପ୍ରାଥମିକ ପର୍ଯ୍ୟାୟରେ ଇୁହଦୀମାନଙ୍କ ପ୍ରତି ସେହିଭଳି ନ୍ୟାୟ ପ୍ରଦର୍ଶନ କରିଥିଲେ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ଜାଣିବାକୁ ପାଇଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ନିଜ ଅନ୍ତିମ ରୋଗଶଯ୍ୟାରେ ଏହି କଥା କହିଥିଲେ ଯେ, ଆରବ ଦ୍ୱୀପରେ ଦୁଇଟି ଧର୍ମ କେବେହେଲେ ଏକତ୍ରିତ ରହିବେ ନାହିଁ । ଅତଏବ ଉକ୍ତ କଥା ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ଜ୍ଞାତ ହେଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହି କଥାର ଅନୁସନ୍ଧାନ କଲେ ଏବଂ ଯେତେବେଳେ ଉକ୍ତ କଥାଟି ପ୍ରମାଣ ସିଦ୍ଧ ହୋଇଗଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଖୈବରର ଇହୁଦୀମାନଙ୍କୁ ପତ୍ର ଲେଖିଲେ ଯେ, ଅଲ୍ଲାଃ ତାଲା ତୁମମାନଙ୍କ ନିର୍ବାସନ ସମ୍ପର୍କରେ ଆଦେଶ ଦେଇଛନ୍ତି ମତେ ଏହି ଖବରଟି ପ୍ରାପ୍ତ ହୋଇଛି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଥିଲେ ଯେ, ଆରବ ଦ୍ୱୀପରେ ଦୁଇଟି ଧର୍ମ ଏକତ୍ରିତ ରହିବେ ନାହିଁ । ଅତଏବ ଯଦି କୌଣସି ଇହୁଦୀଙ୍କ ନିକଟରେ ଆଁ ହଜ୍‌ରତ୍ ସ:ଆ:ସ କୌଣସି ପ୍ରତିଶୃତି କିମ୍ବା ଚୁକ୍ତି ଥାଏ ତେବେ ସେ ମୋ ନିକଟକୁ ଆସୁ ଏବଂ ଉକ୍ତ ଚୁକ୍ତି ସମ୍ପର୍କରେ ମତେ ଅବଗତ କରୁ । ମୁଁ ଉକ୍ତ ଚୁକ୍ତିକୁ ତଥା ପ୍ରତିଶୃତିକୁ ସେହି ବ୍ୟକ୍ତି ପାଇଁ ପ୍ରଣୟନ କରିଦେବି ଏବଂ ଯେଉଁ ବ୍ୟକ୍ତି ନିକଟରେ କୌଣସି ଚୁକ୍ତି କିମ୍ବା ପ୍ରତିଶୃତି ନାହିଁ, ସେ ନିର୍ବାସନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଉ । ଆଁ ହଜ୍‌ରତ୍ ସ:ଆ:ସ ଯଦି ରହିବାପାଇଁ କୌଣସି ଶପଥ, ଚୁକ୍ତି କିମ୍ବା ପ୍ରତିଶୃତି କରିଛନ୍ତି ତାହେଲେ ଠିକ୍ ଅଛି ମୁଁ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିବି କିନ୍ତୁ ଯଦି ଆଁ ହଜ୍‌ରତ୍ ସ:ଆ:ସ କୌଣସି ପ୍ରତିଶୃତି କରିନାହାନ୍ତି ତାହେଲେ ତୁମକୁ ଏହି ସ୍ଥାନ ଛାଡ଼ିବାକୁ ପଡ଼ିବ । ଅତଏବ ହଜ୍‌ରତ୍ ଉମର୍ ର:ଅ ସେହି ଇହୁଦୀମାନଙ୍କୁ ନିର୍ବାସିତ କରିଦେଇଥିଲେ ଯେଉଁମାନଙ୍କ ନିକଟରେ ଆଁ ହଜ୍‌ରତ୍ ସ:ଆ:ସଙ୍କର କୌଣସି ପ୍ରତିଶୃତି କିମ୍ବା ଶପଥ ତଥା ଚୁକ୍ତିନାମା ନଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ କୁହନ୍ତି ଯେ, ମୁଁ, ଜୁବୈର୍ ବିନ୍ ଅୱାମ୍ ର:ଅ ଓ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସୱଦ୍ ର:ଅଙ୍କୁ ଖୈବରଠାରେ ନିଜର ସମ୍ପତି ଅନୁଧ୍ୟାନ କରିବାପାଇଁ ଗଲୁ ଓ ସେଠାରେ ପହଂଚି ଆମେ ଅଲଗା ଅଲଗା ନିଜ ନିଜର ମାଲ୍ (ଧନ) ନିକଟକୁ ଗଲୁ । ଯେତେବେଳେ ମୁଁ ଶୟନର ସେଜ ଉପରେ ଥିଲି, ସେତେବେଳେ ରାତ୍ରି ସମୟରେ ମୋ ଉପରେ ଆକ୍ରମଣ କରାଗଲା ଫଳତଃ ମୋ ବାହୁ ଯୁଗଳର ଗଣ୍ଠି କହୁଣୀଠାରୁ ଅଲଗା ହୋଇଗଲା । ଅତଏବ ଯେତେବେଳେ ସକାଳ ହେଲା ସେତେବେଳେ ମୋର ସେହି ଦୁଇ ସାଥି ଚିତ୍କାର କରି ମୋ ପାଖକୁ ଦଉଡ଼ି ଆସିଲେ ଏବଂ ଦୁହେଁ ମତେ ପଚାରିଲେ ଯେ, ତୁମର ଏପରି ଦୁର୍ଦ୍ଦଶା କିଏ କଲା ? ମୁଁ କହିଲି ମୁଁ ଜାଣିନାହିଁ । ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ କୁହନ୍ତି ମୋର ସାଥିମାନେ ମୋର ବାହୁକୁ ଠିକ୍ କଲେ ଏବଂ ପୁନଶ୍ଚ ମତେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ନେଇଗଲେ । ହଜ୍‌ରତ୍ ଉମର୍ ର:ଅ କହିଲେ, ଏହା ହେଉଛି ଇହୁଦୀମାନଙ୍କର କାର୍ଯ୍ୟ ଏହାପରେ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ ସମ୍ବୋଧନ କରିବାପାଇଁ ଛିଡ଼ା ହେଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ କହିଲେ ଯେ, ହେ ଲୋକମାନେ ରସୁଲୁଲ୍ଲାଃ ସ:ଆ:ସ ଖୈବରର ଲୋକମାନଙ୍କ ସହିତ ଏହି ସର୍ତରେ ବିଚାର କରିଥିଲେ ଯେ, ଆମେମାନେ ଯେତେବେଳେ ଚାହିଁବୁ ସେମାନଙ୍କୁ ଏଠାରୁ ବିତାଡ଼ିତ ଏବଂ ନିର୍ବାସିତ କରିଦେବୁ । ବର୍ତମାନ ଇହୁଦୀମାନେ ହଜ୍‌ରତ୍ ଅବୁଦଲ୍ଲାଃ ବିନ୍ ଉମର୍ ର:ଅଙ୍କ ଉପରେ ଆକ୍ରମଣ କରିଛନ୍ତି ଏବଂ ତାଙ୍କ ବାହୁ ଯୁଗଳର ଗଣ୍ଠିକୁ ଖସାଇ ଦେଇଛନ୍ତି ଓ ତୁମ ପର୍ଯ୍ୟନ୍ତ ଏହି କଥାଟି ମଧ୍ୟ ପହଂଚିଯାଇଛି । ଏହା ପୂର୍ବରୁ ଏହି ଲୋକମାନେ ହିଁ ଅନ୍‌ସାରୀମାନଙ୍କ ଉପରେ ଆକ୍ରମଣ କରିଥିଲେ । ତହିଁରେ ଆଉ କୌଣସି ସଂସୟ ରହିଲାନାହିଁ ଯେ, ସେମାନେ ଏମାନଙ୍କର ସାଙ୍ଗସାଥି ଥିଲେ । ସେଠାରେ ତାଙ୍କ ବ୍ୟତିତ ଆମର ଅନ୍ୟ କୌଣସି ଶତ୍ରୁ ନାହାନ୍ତି । ଅତଏବ ଯାହାର ଖୈବର୍‌ଠାରେ କୌଣସି ସମ୍ପତି ରହିଛି ସେ ତାହାକୁ ସୁରକ୍ଷିତ କରିନେଉ କାରଣ ମୁଁ ଇହୁଦୀମାନଙ୍କୁ ନିର୍ବାସିତ ତଥା ବିତାଡ଼ିତ କରିବାକୁ ଯାଉଛି । ଅତଏବ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ ବିତାଡ଼ିତ କରିଦେଲେ । ଅବ୍‌ଦୁଲ୍ଲାଃ ବିନ୍ ମକ୍‌ନଫ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଇହୁଦୀମାନଙ୍କୁ ଖୈବରରୁ ବିତାଡ଼ିତ କଲେ ସେତେବେଳେ ସେ ନିଜେ ଅନ୍‌ସାର ଓ ହିଜ୍‌ରତ୍‌କାରୀଙ୍କ ସହିତ ଆରୋହଣ ହେଲେ ଏବଂ ହଜ୍‌ରତ୍ ଜବାର୍ ବିନ୍ ସଖର୍ ର:ଅ ଓ ହଜ୍‌ରତ୍ ଯଜିଦ୍ ବିନ୍ ସାବିତ୍ ର:ଅ ମଧ୍ୟ ତାଙ୍କ ସହିତ ବାହାରିଥିଲେ । ହଜ୍‌ରତ୍ ଜବାର୍ ମଦିନାବାସୀଙ୍କ ପାଇଁ ଫଳମାନଙ୍କର ଆକଳନକାରୀ ଏବଂ ସେମାନଙ୍କର ହିସାବ ରଖିଥିଲେ । ଏହି ଦୁହେଁ ଖୈବରକୁ ସେଠିକାର ଅଧିବାସୀଙ୍କ ମଧ୍ୟରେ ପୂର୍ବପରି ବାଂଟିଦେଲେ ।

***(ସିରତ୍ ଇବ୍‌ନେ ହୁଶାମ୍ ପୃ-୭୧୦......ବେରୁତ ୨୦୦୧)***

ହଜ୍‌ରତ୍ ହାତିବ୍ ର:ଅଙ୍କ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ସେମାନେ ଜଣେ ମହିଳାକୁ ଗୁପ୍ତ ରୂପେ ମକ୍କାର ମୁଶ୍‌ରିକ୍ (ଅବିଶ୍ୱାସକାରୀ)ମାନଙ୍କ ଅଭିମୁଖେ ଆଁ ହଜ୍‌ରତ୍ ସ:ଆ:ସଙ୍କ କେତେକ ଉଦ୍ଦେଶ୍ୟ ତଥା ଯୋଜନା ସମ୍ପର୍କରେ ଖବର ପ୍ରେରଣ କରିଥିଲେ ଏବଂ ଅଲ୍ଲାଃ ତାଲାଙ୍କ ପକ୍ଷରୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସୁଚନା ପ୍ରାପ୍ତ ହେଲା ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ଆପଣ ସ:ଆ:ସ ପ୍ରେରଣ କଲେ । ସେହି ମହିଳାଟି ବାଟରେ ଧରା ପଡ଼ିଲା । ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ହାତିବକୁ ପ୍ରଶ୍ନ କଲେ ସେତେବେଳେ ସେ ନିଜର ଅସୁବିଧା ଉପସ୍ଥାପିତ କଲା ଏବଂ ନିଜର ବିଶ୍ୱାସ ସମ୍ପର୍କରେ କହିଲା ଯେ, ମୋର ବିଶ୍ୱାସର ତିଳେମାତ୍ର ତ୍ରୁଟି ନାହିଁ ବରଂ ମୋର ବିଶ୍ୱାସ ପୂର୍ଣ୍ଣ ବିଶ୍ୱାସ ଅଟେ । ଯେତେବେଳେ ହାତିବ୍ ଏହାର ଆଶ୍ୱାସନା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦେଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଏହାକୁ ଗ୍ରହଣ କରିନେଲେ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ମତେ ଏହି ମୁନାଫିକ୍ ଅର୍ଥାତ କପଟବିଶ୍ୱାସୀର ସ୍କନ୍ଦଚ୍ୟୁତ କରିବାକୁ ଅନୁମତି ଦିଅନ୍ତୁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ, ଦେଖ ସେ ବଦର୍ ଯୁଦ୍ଧରେ ସାମିଲ ହୋଇଛି ଏବଂ ତୁମକୁ କ'ଣ ବା ଜଣା ଯେ, ଅଲ୍ଲାଃ ତାଲା ସେମାନଙ୍କୁ ଉକ୍ତ ଅବସରରେ ଉଣ୍ଡି ଦେଖିଥିଲେ ଯେଉଁମାନେ ବଦର ଯୁଦ୍ଧରେ ସାମିଲ ହେଲେ ଏବଂ ସେମାନଙ୍କୁ ଏହା କହିଲେ ଯେ, ତୁମେ ଯାହା ଚାହଁ ବା ଇଚ୍ଛା ତାହା କର ମୁଁ ତୁମମାନଙ୍କର ପାପକୁ ଘୋଡ଼ାଇ ଦେଇ ତୁମ ପ୍ରତି କ୍ଷମା ପ୍ରଦର୍ଶନ କଲି । ***(ବୁଖାରୀ କିତାବୁଲ୍ ମଗାଜି......ହଦିସ୍ ୪୨୭୪)***

ସେହିପରି ଅନ୍ୟ ଏକ ଘଟଣା ରହିଛି ଯାହାର ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ସିଧାସଳଖ ସମ୍ପର୍କ ତ ରହିନାହିଁ କିନ୍ତୁ ଆନୁସଙ୍ଗିକ ଚର୍ଚ୍ଚା ରହିଛି ତେଣୁ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ହଜ୍‌ରତ ଅବୁ କତାଦା ର:ଅ କୁହନ୍ତି ଯେ, ଯେତେବେଳେ ହୁନୈନ୍ ଯୁଦ୍ଧ ଘଟିଲା ସେତେବେଳେ ମୁଁ ମୁସଲମାନମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ଦେଖିଲି ଯିଏ ସେ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ସହିତ ଯୁଦ୍ଧ ଲଢୁଛି ଏବଂ ଆଉ ଜଣେ ମୁଶ୍‌ରିକ୍ ଅଛି ଯିଏ ଧୋକା ଦେଇ ଅତ୍ୟନ୍ତ ଧୀରତାର ସହିତ ତା ପଛପଟୁ ଆକ୍ରମଣ କରୁଛି ଏବଂ କରିବାକୁ ଇଚ୍ଛା ପ୍ରକାଶ ମଧ୍ୟ କରୁଛି ଯେ, ସେ ଯେପରି ତାକୁ ମାରିଦେବ । ମୁଁ ଏହା ଦେଖି ସେହି ଲୋକ ଆଡ଼କୁ ଯଥାଶିଘ୍ର ଗଲି, ଯିଏ ଜଣେ ମୁସଲମାନ ଉପରେ ଧୋକା ଦେଇ ଆକ୍ରମଣ କରିବାକୁ ଚାହୁଁଥିଲା । ସେ ମତେ ମାରିବାପାଇଁ ନିଜର ହାତ ଉଠାଇଲା ଏବଂ ମୁଁ ତା'ର ହସ୍ତ

ଉପରେ ପ୍ରହାର କରି ତାକୁ କାଟିଦେଲି । ଏହାପରେ ସେ ମତେ ଧରି ପକାଇଲା ଏବଂ ଏତେ ଜୋର୍‌ରେ ଚାପିଦେଲା ଯେ ମୁଁ ଅସହାୟ ହୋଇପଡ଼ିଲି ଏହାପରେ ସେ ମତେ ଛାଡ଼ିଦେଲା ଏବଂ ସେ ଢ଼ିଲା ପଡ଼ିଗଲା ଏବଂ ମୁଁ ତାଙ୍କୁ ଧକା ଦେଇ ମାରି ପକାଇଲି । କିନ୍ତୁ ଅପରପକ୍ଷରେ ଏପରି ଅବସ୍ଥା ହେଲା ଯେ, ମୁସଲମାନମାନେ ପରାଜିତ ହୋଇ ପଳାୟନ କଲେ, ମୁଁ ମଧ ତାଙ୍କ ସହିତ ପଳାୟନ କଲି । ପୁନଶ୍ଚ ମୁଁ ଦେଖୁଛି ଯେ, ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ ସହିତ ଅଛନ୍ତି । ମୁଁ ତାଙ୍କୁ କହିଲି ଲୋକମାନଙ୍କୁ କ'ଣ ହୋଇଯାଇଛି ଯେ, ସେମାନେ ପଳାୟନ କରୁଛନ୍ତି ? ହଜ୍‌ରତ୍ ଉମର୍ ର:ଅ କହିଲେ, ଅଲ୍ଲାଃ ତାଲାଙ୍କ ଯାହା ଇଚ୍ଛା । ପୁନଶ୍ଚ ଲୋକମାନେ ଫେରି ରସୁଲେ୍ କରିମ୍ ସ:ଆ:ସଙ୍କ ନିକଟକୁ ଆସିଗଲେ । ରସୁଲୁଲ୍ଲାଃ ସ:ଆ:ସ କହିଲେ, ଯଦି କିଏ ଏ କଥାର ପ୍ରମାଣ ଦେବଯେ ସେ ଅମୁକ ଲୋକକୁ ଯୁଦ୍ଧରେ ମାରିଛି ବୋଲି ଅର୍ଥାତ ତାକୁ ବଦ୍ଧ କରିଛି ବୋଲି ତା'ହେଲେ ମରିଯାଇଥିବା ଲୋକଟିର ଜିନିଷପତ୍ର ସେହି ମାରିଥିବା ଲୋକକୁ ମିଳିବ । ମୁଁ ଉଠିଲି ଏବଂ ମୋ ଦ୍ୱାରା ନୀହତ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଏହି ପ୍ରମାଣ ଖୋଜିଲି କିନ୍ତୁ କାହାରିକୁ ମୁଁ ଏପରି ଦେଖିଲି ନାହିଁ କି, ଯିଏ କି ମୋ ପକ୍ଷରେ ସାକ୍ଷ୍ୟ ଦେଇପାରିବ । ତେଣୁ ମୁଁ ବସିପଡ଼ିଲି ତା'ପରେ ମୋର ମନେ ପଡ଼ିଲା ଏବଂ ମୁଁ ସେହି ନୀହତ ହୋଇଥିବା ବ୍ୟକ୍ତିର ଘଟଣା ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଚର୍ଚ୍ଚା କଲି । ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ବସିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା ଯେ, ଯେଉଁ ଲୋକର କଥା ଇଏ କହୁଛନ୍ତି, ଅର୍ଥାତ ଯାହାଙ୍କୁ ମାରିବାର କଥା କହୁଛନ୍ତି, ତାହାର ଅସ୍ତ୍ର ମୋ ନିକଟରେ ରହିଛି । ଆପଣ ସେହି ଅସ୍ତ୍ର ବଦଳରେ ଆଙ୍କୁ କିଛି ଦେଇ ରାଜି କରାଇନିଅନ୍ତୁ । ହଜ୍‌ରତ୍ ଅବୁବକର ର:ଅ କହିଲେ, ଏପରି କଦାପି ହୋଇପାରିବ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ କୁରୈଶ୍‌ର ଜଣେ ସାଧାରଣରୁ ସାଧାରଣ ବ୍ୟକ୍ତିକୁ ତ ଜିନିଷ ଦେଇ ଦେଉଛନ୍ତି ହେଲେ ଆପଣ ସ:ଆ:ସ ଅଲ୍ଲାଃ ତାଲାଙ୍କର ସିଂହ ତଥା ବୀରଯୋଦ୍ଧାମାନଙ୍କ ମଧ୍ୟରୁ ଜଣକୁ ଛାଡ଼ିଦେବେ ଯେବେ କି ସେ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହଙ୍କ ପକ୍ଷରୁ ଯୁଦ୍ଧ ଲଢ଼ିଅଛନ୍ତି । ହଜ୍‌ରତ୍ ଅବୁ କତାଦା କୁହନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ, ଛିଡ଼ା ହେଲେ ଏବଂ ମତେ ସେହି ବସ୍ତୁ ପ୍ରଦାନ କଲେ, ମୁଁ ସେହି ଜିନିଷର ବିନିମୟରେ ଏକ କ୍ଷୁଦ୍ର ଖଜୁରୀ ଉଦ୍ୟାନ କ୍ରୟ କରିନେଲି ଏବଂ ଏହା ସର୍ବପ୍ରଥମ ସମ୍ପତି ଥିଲା ଯାହାକୁ ମୁଁ ଇସ୍‌ଲାମ୍ ଧର୍ମରେ ସମ୍ପତି ରୂପେ ସୃଷ୍ଟି କରିଥିଲି ।

***(ସହି ବୁଖାରୀ, କିତାବୁଲ୍ ମଗାଜି...... ହଦିସ୍ ନଂ-୪୩୨୨)***

ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଯେତେବେଳେ ହୁନୈନ୍ ଯୁଦ୍ଧରୁ ଫେରିଲୁ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ନବୀ କରିମ୍ ସ:ଆ:ସଙ୍କୁ ଏକ ନଜର୍ ଅର୍ଥାତ ଏକ ମାନସିକ ବିଷୟରେ ପଚାରିଲେ, ପଚାରିଲୁ । ଯେଉଁ ମାନସିକକୁ ସେ ଜାହିଲିୟତ୍ ଯୁଗରେ କରିବାପାଇଁ ମାନସିକ କରିଥିଲେ । ତାହା ଥିଲା ଏତକାଫରେ ବସିବା । ଅତଃ ନବୀ କରିମ୍ ସ:ଆ:ସ ସେହି ମାନସିକକୁ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଲେ । ***(ସହି ବୁଖାରୀ.....୪୩୨୦)*** ଅର୍ଥାତ ଜାହିଲିୟତ୍ ଯୁଗର କରିଥିବା ମାନସିକକୁ ମଧ ପୂରଣ କର । ତା'ସହିତ ଏହା ମଧ ସର୍ତ ଯେ, ଇସ୍‌ଲାମୀୟ ଶିକ୍ଷା ପରିସର ମଧ୍ୟରେ ରହି ଯାହା କିଛି ମାନସିକ କରିଅଛ ତାହାକୁ ପୂରଣ କରିବା ଉଚିତ ।

ତବୁକ୍ ଯୁଦ୍ଧରେ ହଜ୍‌ରତ୍ ଉମର୍ ର:ଅଙ୍କ କ'ଣ ଭୂମିକା ରହିଥିଲା ? ସେ ସମ୍ବନ୍ଧରେ କ'ଣ ତଥ୍ୟ ରହିଛି । ତବୁକ୍ ଯୁଦ୍ଧ ଅବସରରେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ପକ୍ଷରୁ ଚାନ୍ଦା ପାଇଁ ଏକ ବିଶେଷ ଆହ୍ୱାନ ଦିଆଗଲା, ତତ୍‌ସଂକ୍ରାନ୍ତରେ ହଜ୍‌ରତ୍ ଉମର୍ ର:ଅ ନିଜର ଏକ ଘଟଣା ବର୍ଣ୍ଣନା କରି କହନ୍ତି ଯେ, ଦିନେ ଆମକୁ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ, ଆମେମାନେ ସଦ୍‌କା (ଅର୍ଥାତ ଦାନ) ଦେବୁ । ଅତଏବ ସେତେବେଳେ ମୋ ନିକଟରେ ଧନ ମଧ ଥିଲା ତେଣୁ ମୁଁ ମନରେ କହିଲି ଯେ, ଯଦି ମୁଁ କୌଣସି ଦିନ ହଜ୍‌ରତ୍ ଅବୁବକର ର:ଅଙ୍କ ଠାରୁ ସବ୍‌କତ୍ (ଆଗେଇ ଯିବା) ନେଇ ଯାଇପାରେ ତେବେ ଆଜି ହିଁ ନେଇଯିବି । ଅତଏବ ମୁଁ ମୋ ସମ୍ପତିର ଅଧା ସମ୍ପତି ନେଇ ଆସିଲି । ରସୁଲୁଲ୍ଲାଃ ସ:ଆ:ସ ମତେ କହିଲେ ହେ ଉମର୍ ତୁମେ ନିଜ ପରିବାର ପାଇଁ କ'ଣ ଛାଡ଼ି ଆସିଛ ? ମୁଁ ଉତର ଦେଲି ଯେ, ସେତିକି ହିଁ ଛାଡ଼ି ଆସିଛି ଯେତିକି ଆପଣ ସ:ଆ:ସଙ୍କ ନିକଟକୁ ନେଇ ଆସିଛି । କିନ୍ତୁ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟରେ ଯାହା କିଛି ରହିଥିଲା ସେ ସବୁକିଛି ନେଇ ଆସିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଦପଦ୍ମରେ ଅଜାଡ଼ି ଦେଲେ । ମୁଁ ମୋର ଅଧା ଧନସମ୍ପତି ନେଇ ଆସିଲି କିନ୍ତୁ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟରେ ଯାହା କିଛି ଥିଲା, ସେ ସବୁକିଛି ନେଇ ଆସିଲେ । ରସୁଲେ୍ କରିମ୍ ସ:ଆ:ସ ଅବୁବକର ର:ଅଙ୍କୁ ମଧ ପଚାରିଲେ ଯେ, ହେ ଅବୁବକର ! ତୁମେ ନିଜ ପରିବାର ପାଇଁ କ'ଣ ଛାଡ଼ି ଆସିଛ ? ପ୍ରତ୍ୟୁତରରେ ହଜ୍‌ରତ୍ ଅବୁବକର ର:ଅ କହିଲେ, ମୁଁ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ଘରେ ଛାଡ଼ି ଦେଇଆସିଛି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଯେ, ମୁଁ ଭାବିଲି ଯେ, ମୁଁ ଆଉ କେବେ ବି କୌଣସି ପ୍ରସଙ୍ଗରେ ହଜ୍‌ରତ୍ ଅବୁବକର ର:ଅଙ୍କ ଠାରୁ ଆଗେଇ ପାରିବି ନାହିଁ । ***(ସୁନନେ ଅବୁ ଦାଉଦ୍ ........ ହଦିସ୍ ନଂ- ୧୬୭୮)***

ଉକ୍ତ ଘଟଣା ସମ୍ପର୍କରେ ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ଏକ ଜିହାଦ୍ ବା ଧର୍ମ ଯୁଦ୍ଧ ସମ୍ପର୍କରେ ହଜ୍‌ରତ୍ ଉମର୍ ର:ଅ ବର୍ଣ୍ଣନା କରନ୍ତି ଯେ, ମୋ ମନରେ ଏହି ଧାରଣାଟି ଆସିଲା ବା ଉଦ୍ବେଗ ହେଲା ଯେ, ହଜ୍‌ରତ୍ ଅବୁବକର ର:ଅ ସର୍ବଦା ମୋଠାରୁ ଆଗେଇ ଯାଉଛନ୍ତି କିନ୍ତୁ ଆଜି ମୁଁ ତାଙ୍କଠାରୁ ଆଗେଇ ଯିବି । ଏକଥା ଭାବି ସେ ନିଜ ଘରକୁ ଗଲେ ଏବଂ ନିଜର ଧନସମ୍ପତିରୁ ଅଧା ଧନସମ୍ପତି କାଢ଼ି ଆଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥାପିତ କରିଦେଲେ । ସେହି ସମୟରେ ଇସ୍‌ଲାମ୍ ବହୁତ ଅନାଟନ ଓ ଦୁର୍ଦ୍ଦିନ ଦେଇ ଗତି କରୁଥିଲା । କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ନିଜର ସମସ୍ତ ଧନସମ୍ପତିକୁ ଘେନିଆଣି ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଉପସ୍ଥାପିତ କରିଦେଲେ । ରସୁଲେ୍ କରିମ୍ ସ:ଆ:ସ ପଚାରିଲେ ହେ ଅବୁବକର ! ତୁମେ ନିଜ ଘରେ କ'ଣ ଛାଡ଼ି ଆସିଅଛ ? ସେ ଉତର ଦେଲେ ଯେ, ମୁଁ ଘରେ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତ୍ତାବହକଙ୍କ ନାମ ଛାଡ଼ି ଆସିଛି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଯେ, ଏକଥା ଶୁଣି ମୁଁ ଅତ୍ୟନ୍ତ ଲଜ୍ଜିତ ଅନୁଭବ କଲି ଏବଂ ମୁଁ ଭାବିଲି ଯେ, ଆଜି ମୁଁ ନିଜର ସକଳ ସାମର୍ଥ୍ୟ ବିନିଯୋଗ କରି ହଜ୍‌ରତ୍ ଅବୁବକର ର:ଅଙ୍କଠାରୁ ଆଗେଇ ଯିବାପାଇଁ ଆସିଥିଲି କିନ୍ତୁ ସେ ଆଜି ମଧ ମୋ ଠାରୁ ଆଗେଇ ଗଲେ ।

***(ଫଜାଏଲୁଲ୍ କୁର୍‌ଆନ୍ (୩), ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୧, ପୃ-୫୭୭)***

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି ଯେ: ଯୁଗ ଥିଲା ବା ସମୟ ଥିଲା ଯେ, ଐଶ୍ୱରିକ ଧର୍ମ ପାଇଁ ଲୋକମାନେ ନିଜ ଜୀବନକୁ ଛେଳି, ମେଣ୍ଢାଙ୍କ ପରି ବଳି ପକାଇ ଦେଉଥିଲେ । ହଜ୍‌ରତ୍ ଅବୁବକର ର:ଅଙ୍କ ଧନ ଦଉଲତର ତ' ଏବେ ଚର୍ଚ୍ଚା ହେଲା କିନ୍ତୁ ସେ ପ୍ରାୟତଃ ଏକରୁ ଅନେକ ଥର ନିଜର ସମସ୍ତ ଘରବାଡ଼ି ଉତ୍ସର୍ଗ କରିଦେଇଥିଲେ" । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେ, ଏପରି ଥରେ ଅଧେ ହୋଇନାହିଁ ବରଂ ଅନେକ ଥର ହୋଇଛି । "ଏପରି କି ହଜ୍‌ରତ୍ ଅବୁବକର ର:ଅ ନିଜ ଘରେ ଗୋଟିଏ ଛୁଂଚି ମଧ ରଖିନଥିଲେ । ଏବଂ ସେହିପରି ହଜ୍‌ରତ୍ ଉମର୍ ର:ଅ ମଧ ନିଜ ସାମର୍ଥ୍ୟ ଅନୁଯାୟୀ ଏବଂ ବଦାନ୍ୟତା ଅନୁସାରେ ତଥା ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ **ଆଲା ହାଜଲ୍ କୟାସି ଅଲା କଦ୍‌ରେ ମରାତିବ୍** ଏବଂ ସମସ୍ତ ସାହାବାମାନେ ମଧ ନିଜ ଧନ ଜୀବନ ସମେତ ଏହି ଐଶ୍ୱରିୟ ଧର୍ମ ପାଇଁ ସବୁକିଛି ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହୋଇଗଲେ" । ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଜମାଅତ୍ ସଂପର୍କରେ କୁହନ୍ତି: ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ବୟତ ତ' କରି ନିଅନ୍ତି ଏବଂ ସ୍ୱିକାରୋକ୍ତି ମଧ କରି ନିଅନ୍ତି ଯେ, ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବୁ । କିନ୍ତୁ ସାହାଯ୍ୟ ଓ ସହାୟତା ସମୟ ଆସିଲେ ସେମାନେ ନିଜର ପକେଟକୁ ଚାପି ଧରିଥାନ୍ତି । ତେବେ ଚିନ୍ତା କରନ୍ତୁ କ'ଣ ଏପରି ସାଂସାରୀକ ପ୍ରେମ ରଖିଥିବା ବ୍ୟକ୍ତି କୌଣସି ଧାର୍ମିକ ଉଦ୍ଦେଶ୍ୟ ପାଇ ପାରିବ କି ? ବା ଆଶା କରାଯାଇ ପାରିବ କି ? କ'ଣ ଏଭଳି ବ୍ୟକ୍ତିମାନଙ୍କର ଅସ୍ତିତ୍ୱ କିଛି ବି ଲାଭଦାୟକ ହୋଇପାରିବ କି ? ନା କଦାପି ନୁହେଁ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି: **ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ (ଆଲେ ଇମ୍‌ରାନ୍:୯୩)** ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ନିଜର ଅତି ପ୍ରୀୟ ଧନରୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ବ୍ୟୟ ନ କରିଛ ସେ ପର୍ଯ୍ୟନ୍ତ ତୁମେ ସେହି ପୂଣ୍ୟକୁ କଦାପି ପ୍ରାପ୍ତ କରିପାରିବନାହିଁ ।"

***(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୪୦ ହାଶିୟା)***

ଆଁ ହଜ୍‌ରତ୍ ସ:ଆ:ସଙ୍କର ଯେତେବେଳେ ବିୟୋଗ ହେଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରତିକ୍ରିୟା କ'ଣ ଥିଲା ? ଏ ସକ୍ରାନ୍ତରେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କ ଏକ ବର୍ଣ୍ଣନା ରହିଛି ଯେ, ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ଅନ୍ତିମ ସମୟ ପାଖେଇ ଆସିଲା ଏବଂ ଘରେ କିଛି ପୁରୁଷ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ଯେଉଁମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅ ଥିଲେ । ନବୀ କରିମ୍ ସ:ଆ:ସ କହିଲେ ଆସ ମୁଁ ତୁମକୁ ଏକ ଲେଖା ଲେଖିଦେବି ଏହାପରେ ତୁମେମାନେ କେବେ ହେଲେ ମାର୍ଗ ଭ୍ରଷ୍ଟ ହେବନାହିଁ । ଏ ବିଷୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍ତିମ ଦିନର କଥା ପ୍ରତ୍ୟୁତରରେ ଆଖପାଖରେ ବସିଥିବା ଲୋକମାନଙ୍କୁ ହଜ୍‌ରତ୍ ଉମର୍ ର:ଅ କହିଲେ, ଆଁ ହଜ୍‌ରତ୍ ସ:ଆ:ସ ବହୁତ ବେମାର ଅଛନ୍ତି ଏବଂ ତୁମମାନଙ୍କ ନିକଟରେ ଅଲ୍ଲାଃ ତାଲାଙ୍କ ପବିତ୍ର କୁର୍‌ଆନ୍ ମଧ ରହିଛି ତେଣୁ ତୁମମାନଙ୍କ ପାଇଁ ଅଲ୍ଲାଃଙ୍କ ପୁସ୍ତକ ଯଥେଷ୍ଟ । ଘରେ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇ ଓ ବିବାଦ ଆରମ୍ଭ ହୋଇଗଲା ସୁତରାଂ ସେହି ଲୋକମାନଙ୍କ ମଧ୍ୟରୁ କେତେ କହୁଥିଲେ ଯେ କାଗଜ କଲମ ନିକଟକୁ ନେଇ ଆସ ସେଥିରେ ଆଁ ହଜ୍‌ରତ୍ ସ:ଆ:ସ ତୁମମାନଙ୍କ ପାଇଁ ଏକ ଲେଖା ଉଲ୍ଲେଖ କରିଦେବେ । ଏହାପରେ ତୁମେମାନେ କେବେହେଲେ ମାର୍ଗଭ୍ରଷ୍ଟ ହେବନାହିଁ । ସେହି ଲୋକମାନଙ୍କ ମଧ୍ୟରୁ ଆଉ କେତେକ ଲୋକ ସେହି କଥା କହୁଥିଲେ ଯାହାକି ହଜ୍‌ରତ୍ ଉମର୍ ର:ଅ କହୁଥିଲେ ଯେ, ଆରେ ଯୁକ୍ତିତର୍କ କରନାହିଁ କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହା ଦ୍ୱାରା କଷ୍ଟ ହେବ । ଏହାପରେ ଯେତେବେଳେ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ବହୁତ ଯୁକ୍ତିତର୍କ କରିବାକୁ ଲାଗିଲେ ବା ବିବାଦ ବଢ଼ିବାକୁ ଲାଗିଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ତୁମେମାନେ ଏଠାରୁ ଚାଲିଯାଅ । ***(ସହି ମୁସ୍‌ଲିମ୍, କିତାବୁଲ୍ ୱସିୟତ୍...... ହଦିସ୍ ନଂ-୪୨୩୪)***

ଆଲୋଚ୍ୟ ଘଟଣା ତଥା ବର୍ଣ୍ଣନାଟି ମୁସ୍‌ଲିମ୍‌ର ଅଟେ । ଏହାର କେତେକାଂଶ ବୁଖାରୀରେ ମଧ ବର୍ଣ୍ଣିତ ରହିଛି । ସେଠାରେ ଉବୈଦୁଲ୍ଲାଃ ବିନ୍ ଅବ୍‌ଦୁଲ୍ଲା ବର୍ଣ୍ଣନା କରିଛନ୍ତି ଏବଂ ସେ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କଠାରୁ ବର୍ଣ୍ଣନା କରି କୁହନ୍ତି ଯେ, ନବୀ କରିମ୍ ସ:ଆ:ସ ଉପରେ ରୋଗ ଯେତେବେଳେ ଭୟଙ୍କର ଆକ୍ରମଣ କଲା ସେତେବେଳେ ଆପଣ ସ:ଆ:ସ କହିଲେ ମୋ ନିକଟରେ କୌଣସି ଲେଖିବାର ଜିନିଷ ଘେନି ଆଣ ! ସେଥିରେ ମୁଁ

ଏଭଳି ୱସିୟତ୍ ତୁମମାନଙ୍କ ପାଇଁ ଉଲ୍ଲେଖ କରିଦେବି, ଏହାପରେ ତୁମେମାନେ କେବେହେଲେ ଏହାକୁ ଭୁଲିବ ନାହିଁ କି ମାର୍ଗଭ୍ରଷ୍ଟ ହେବ ନାହିଁ । ହଜ୍ରତ୍ ଉମର୍ ର:ଅ ସେଠାରେ ଉପସ୍ଥିତ ଲୋକମାନଙ୍କୁ କହିଲେ: ନବୀ କରିମ୍ ସ:ଆ:ସଙ୍କ ଉପରେ ରୋଗ କାୟା ବିସ୍ତାର କରିଛି ଓ ଆମମାନଙ୍କ ନିକଟରେ ଅଲ୍ଲାଃ ତାଲାଙ୍କର ପୁସ୍ତକ ରହିଛି ଅର୍ଥାତ ପବିତ୍ର କୁର୍ଆନ୍ କରିମ୍ ରହିଛି ଓ ଏହା ଆମମାନଙ୍କ ପାଇଁ ଯଥେଷ୍ଟ ଏଣୁ ଆଁ ହଜ୍ରତ୍ ସ:ଆ:ସଙ୍କୁ କୌଣସି କଷ୍ଟ ଦେବାର ଆବଶ୍ୟକତା ନାହିଁ । ପ୍ରତ୍ୟୁତରରେ ଲୋକମାନେ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରିବାକୁ ଲାଗିଲେ ଏବଂ ପାଟିତୁଣ୍ଡ ତଥା କୋଳାହଳ କଲେ ଯଦ୍ୱାରା ନବୀ କରିମ୍ ସ:ଆ:ସ କହିଲେ, ଉଠ ! ଏବଂ ମୋ ନିକଟକରୁ ଚାଲିଯାଅ । ମୋ ନିକଟରେ ଗଣ୍ଡଗୋଳ କରିବା ଅନୁଚିତ । ଏହା ଶୁଣି ହଜ୍ରତ୍ ଇବ୍ନେ ଅବ୍ବାସ ର:ଅ ବାହାରକୁ ଚାଲିଗଲେ ସେ କହୁଥିଲେ ଯେ, ଆମମାନଙ୍କର ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଥିଲା ଯାହା ଦ୍ୱାରା ଆମେ ବହୁତ କ୍ଷତିରେ ରହିଲୁଁ । କାରଣ ଆମମାନଙ୍କୁ ଆଁ ହଜ୍ରତ୍ ସ:ଆ:ସକିଛି ଲେଖିଦେଇଥାନ୍ତେ କିନ୍ତୁ ଆମେମାନେ ପରସ୍ପର ମଧ୍ୟରେ କଳି ବା କଳହ କରି ଆଁ ହଜ୍ରତ୍ ସ:ଆ:ସଙ୍କୁ ଲେଖିବାରୁ ରୋକିଦେଲୁ । *(ସହି ବୁଖାରୀ କିତାବୁଲ୍ ଇଲ୍ମ୍..... ହଦିସ୍ ୧୧୪)*

ଉକ୍ତ ବ୍ୟାଖ୍ୟାରେ ହଜ୍ରତ୍ ସୟଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଯାହା ଉଲ୍ଲେଖ କରିଛନ୍ତି ତାହାର କିଛିଟା ଚର୍ଚ୍ଚା ମଧ୍ୟ ଏଠାରେ ମୁଁ କରିଦେଉଛି: **"ଲା ତଜିଲ୍ଲୁ ବାଦହୁ"** ଅର୍ଥାତ ଉକ୍ତ ହଦୀସ୍ର ଯେଉଁ ଶବ୍ଦ ରହିଛି ତହିଁରୁ ଏକଥାଟି ସ୍ୱଷ୍ଟ ହେଉଅଛି ଯେ, ଜୀବନର ଅନ୍ତିମ ସମୟରେ ମଧ୍ୟ ନବୀ କରିମ୍ ସ:ଆ:ସଙ୍କୁ ଏହି ଚିନ୍ତାଟି ଘାରିଥିଲା ଯେ, **"ଲା ତଜିଲ୍ଲୁ ବାଦହୁ"** ଅର୍ଥାତ ତୁମେମାନେ ଏହା ଭୁଲି ନଯାଅ । ତେଣୁ ମୁଁ ତୁମମମାନଙ୍କ ପାଇଁ ଏକ ଲେଖନ ଲେଖି ଦେଉଅଛି । ଜଲାଲ୍ର ଅର୍ଥ ଭୁଲିବା ମଧ୍ୟ ଅଟେ ଏବଂ ମାର୍ଗକୁ ଭୁଲି ବିପଥଗାମୀ ହୋଇଯିବାର ଅର୍ଥ ମଧ୍ୟ ଅଟେ । **ଗଲବହୁଲ୍ ୱଜଉ** ଅର୍ଥାତ ଆଁ ହଜ୍ରତ୍ ସ:ଆ:ସଙ୍କୁ ରୋଗ ସମ୍ପୁର୍ଣ୍ଣ ଦୁର୍ବଳ କରିଦେଇଛି ତେଣୁ ଆଁ ହଜ୍ରତ୍ ସ:ଆ:ସଙ୍କ ଅଧିକ କଷ୍ଟ ନ ହେଉ ବା ନ ପହଂଚୁ ତଥା ରୋଗ ନ ବଢୁ । ହଜ୍ରତ୍ ଉମର୍ ର:ଅ ଯାହା କହିଥିଲେ ଏହା ହେଉଛି ତାହାରି ଶବ୍ଦ । ହଜ୍ରତ୍ ଶାହ୍ ସାହେବ କୁହନ୍ତି ଯେ, ଆଁ ହଜ୍ରତ୍ ସ:ଆ:ସଙ୍କ ବିୟୋଗର କଳ୍ପନା ହଜ୍ରତ୍ ଉମର୍ ର:ଅ କେବେ ବି କରି ନଥିଲେ । **ଇନ୍ଦନା କିତାବୁଲ୍ଲାହି ହସ୍ବୁନା** । ହଜ୍ରତ୍ ଉମର୍ ର:ଅ ଯେତେବେଳେ ଏହା କହିଥିଲେ ତାହା ଏଥିପାଇଁ କହିଥିଲେ ଯେ, ଅଲ୍ଲାଃ ତାଲା ପବିତ୍ର କୁର୍ଆନ୍ର ସୁରାଃ ଅନାମ୍ରେ କୁହନ୍ତି ଯେ, **ମା ଫର୍ରତ୍ନା ଫିଲ୍ କିତାବି ମିନ୍ ଶୈଇନ୍ (ଅଲ୍ଅନାମ୍:୩୯)** ଅର୍ଥାତ ଆମ୍ଭେ ଏହି ଗ୍ରନ୍ଥରେ କୌଣସି ଅଭାବ ରଖିନାହୁଁ ଏବଂ ସୁରାଃ ନହଲ୍ରେ ଅଲ୍ଲାଃ ତାଲା କୁହନ୍ତି ଯେ, **ତିବ୍ୟାନନ୍ ଲିକୁଲ୍ଲି ଶୈଇନ୍ (ନହଲ୍:୯୦)** ଅର୍ଥାତ ଏହି ପୁସ୍ତକ ପ୍ରତ୍ୟେକ ବିଷୟକୁ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରିଅଛି । ଆମ୍ଭେ ଏଥିରେ କିଛି ବି ଉଣା ରଖିନାହୁଁ । ପୁନଶ୍ଚ ଶାହ୍ ସାହେବ ଉଲ୍ଲେଖ କରନ୍ତି ଯେ, **ଲା ୟନ୍ବଗି ଇନ୍ଦି ଅତ୍ତନାଜୁଉ** ଅର୍ଥାତ ଅର୍ଥାତ କେତେକ ଲୋକ ଯେଉଁମାନଙ୍କର ଆବେଗ ତଥା ସ୍ୱଭାବ ହଜ୍ରତ୍ ଉମର୍ ର:ଅଙ୍କ ପରି କୋମଳ ତଥା ବିନମ୍ର ଥଲା ସେମାନେ କହିଲେ ଯେ, ଏଭଳି ସମୟରେ ଆଁ ହଜ୍ରତ୍ ସ:ଆ:ସଙ୍କୁ କଷ୍ଟ ଦେବାଟା ଠିକ୍ ନୁହେଁ ଏବଂ ଆଉ କେତେକ ଲୋକେ କହିଲେ ଆଁ ହଜ୍ରତ୍ ସ:ଆ:ସ ଯାହା କହିଲେ, ତାହାଙ୍କ ଆଜ୍ଞା ପାଳନ କରିବା ଉଚିତ । ଅର୍ଥାତ କଲମ, ଦୁଆତ ବା କାଳି ନେଇ ଆସ । କିନ୍ତୁ ଯେତେବେଳେ ସେମାନେ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରିବାକୁ ଲାଗିଲେ ସେତେବେଳେ ଆଁ ହଜ୍ରତ୍ ସ:ଆ:ସ ସେମାନଙ୍କର ଏପରି ପାଟିତୁଣ୍ଡ ଶୁଣି କହିଲେ ମୋ ନିକଟରେ କୋଳାହଳ କରନାହିଁ । ମୋ ନିକଟରୁ ଚାଲିଯାଅ । ତହିଁରୁ ଏହା ପ୍ରତିତ ହୁଏ ଯେ, ଆଁ ହଜ୍ରତ୍ ସ:ଆ:ସଙ୍କୁ ଏଭଳି ରୋଗାବସ୍ଥାରେ ମଧ୍ୟ ପବିତ୍ର ଧର୍ମଗ୍ରନ୍ଥ ପ୍ରତି ଏତେ ସମ୍ମାନ ଥିଲା ଯେ ହଜ୍ରତ୍ ଉମର୍ ର:ଅଙ୍କ କଥା ଶୁଣିବା ପରେ ମଧ୍ୟ କାଗଜ କଲମ ମଗେଇବା ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ । ଯେପରି ବୁଖାରୀର ଅନ୍ୟ ବର୍ଣ୍ଣନାରୁ ଜଣାପଡ଼େ ଯେ, ଆଁ ହଜ୍ରତ୍ ସ:ଆ:ସ ଉକ୍ତ ଘଟଣା ପରେ ମଧ୍ୟ କିଛି ଦିନ ପର୍ଯ୍ୟନ୍ତ ଜୀବିତ ରହିଲେ ଏଂ ସେଦିନ ଆଉ କିଛି ୱସିୟତ୍ ମଧ୍ୟ କରିଥିଲେ । କିନ୍ତୁ କାଗଜ କଲମର ଆଉ ପୂନର୍ବାର ଅଭିଳାଷା କଲେ ନାହିଁ । ଅର୍ଥାତ କାଗଜ କଲମ କଥା ଆଉ ଉଠାଇଲେ ନାହିଁ । ଏପରି ଲାଗୁଛି ଯେ ଯେଉଁ ନିର୍ଦ୍ଦେଶକୁ ଲେଖିବା ପାଇଁ ଆପଣ ସ:ଆ:ସ ଆବଶ୍ୟକ ମଣୁଥିଲେ ତାହା କିତାବୁଲ୍ଲାଃ ଅର୍ଥାତ ଅଲ୍ଲାଃଙ୍କ ପୁସ୍ତକରେ ମହଜୁଦ୍ ଥିଲା, ସେହି ଆଦେଶବଳୀଗୁଡ଼ିକ ଉଲ୍ଲେଖ କରିବାପାଇଁ ଆଁ ହଜ୍ରତ୍ ସ:ଆ:ସ କାଗଜ କଲମ ମଗେଇଥିଲେ, ଏବଂ ଆବଶ୍ୟକ ବୋଲି ମନେ କରିଥିଲେ । କିନ୍ତୁ ତାହାର ଆଉ ପୁନରାବୃତି କଲେନାହିଁ । ତହିଁରୁ ଏହା ପତିତ ହେଉଥଲା ଯେ,ଆଁ ହଜ୍ରତ୍ ସ:ଆ:ସ ପବିତ୍ର କୁର୍ଆନ୍ କରିମ୍ ସହିତ ସଂଶ୍ଲିଷ୍ଟ ରହିବା ପାଇଁ ତାଗିଦ୍ କରିବାକୁ ଚାହୁଁଥିଲେ ଏବଂ ଆଁ ହଜ୍ରତ୍ ସ:ଆ:ସ ହଜ୍ରତ୍ ଉମର୍ ର:ଅଙ୍କୁ ସମର୍ଥନ ମଧ୍ୟ ଜଣାଇଥିଲେ ଏବଂ ପରେ ନୀରବ ରହିଲେ ଏହା ହେଉଛି ସେହି ଶିଷ୍ଟାଚାର ଯାହାକୁ ଆଜିକାଲିର ତଥାକଥିତ ୱଲେମାମାନେ ପରବାଏ କରୁନାହାନ୍ତି । ଶାହ୍ ସାହେବ ଆଗକୁ ଉଲ୍ଲେଖ କରନ୍ତି ଯେ, ଆଁ ହଜ୍ରତ୍ ସ:ଆ:ସ ପବିତ୍ର କୁର୍ଆନ୍ ପ୍ରତି ଏପରି ଭକ୍ତି ଓ ସମ୍ମାନ ଥିଲା, ଯାହାର ପରବାଏ ଏହି ତଥାକଥିତ ୱଲେମାମାନଙ୍କୁ ନାହିଁ । ପୁନଶ୍ଚ ଶାହ୍ ସାହେବ ଉଲ୍ଲେଖ କରନ୍ତି ଯେ, ଆମମାନଙ୍କୁ ଏହି ପବିତ୍ର ଆଦେଶକୁ ମଧ୍ୟ ଭୁଲିବା ଉଚିତ ନୁହେଁ । ଯେଉଁ ପବିତ୍ର ଆଦର୍ଶ ଆଁ ହଜ୍ରତ୍ ସ:ଆ:ସଙ୍କର ଥିଲା କିତାବୁଲ୍ଲାଃ ଅର୍ଥାତ ଅଲ୍ଲାଃ ତାଲାଙ୍କ ପୁସ୍ତକ ଆଗରେ ଅନ୍ୟ ସମସ୍ତ କଥା ତୁଚ୍ଛ ।" *(ସହି ବୁଖାରୀ..... ହଦିସ୍-୧୧୪, ସଂକଳନ ସୟଦ୍ ଜଇନୁଲ୍ ଆବେଦିନ୍ ୱଲିଉଲ୍ଲାଃ ଶାହ୍ ଖଣ୍ଡ-୨, ପୃ-୧୯୦..... ଇଶାଅତ୍ ରବ୍ୱା)*

ଉର୍ୱା ବିନ୍ ଜୁବୈର ନବୀ କରିମ୍ ସ:ଆ:ସଙ୍କ ପବିତ୍ର ପତ୍ନୀ ହଜ୍ରତ୍ ଆଇଶା ସିଦ୍ଦିକା ର:ଅଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁ ହଜ୍ରତ୍ ସ:ଆ:ସଙ୍କ ଯେତେବେଳେ ଅକାଳ ବିୟୋଗ ହେଲା ସେତେବେଳେ ହଜ୍ରତ ଅବୁବକର ର:ଅ ସୁନାହ୍ ଠାରେ ଥିଲେ । ସୁନାହ୍ ମଦିନାଠାରୁ ଦୁଇମାଇଲ ବ୍ୟବଧାନରେ ଅବସ୍ଥିତ ଏକ ସ୍ଥାନର ନାମ । ଇସ୍ମାଇଲ କହିଲା ଅର୍ଥାତ ଦୁରବର୍ତୀ ପଲ୍ଲୀରେ ଥିଲେ । ଏହି ଖବର ଶୁଣି ହଜ୍ରତ୍ ଉମର୍ ର:ଅ ଛିଡ଼ା ହୋଇପଡ଼ିଲେ ଏବଂ କହିବାକୁ ଲାଗିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଆଁ ହଜ୍ରତ୍ ସ:ଆ:ସ ମୃତ୍ୟୁବରଣ କରି ନାହାନ୍ତି । ହଜ୍ରତ୍ ଆଇଶା ର:ଅ କହୁଥିଲେ ଯେ, ହଜ୍ରତ୍ ଉମର୍ ର:ଅ କହୁଥିଲେ ଯେ, ମୋ ମନରେ ଏହି କଥା ଆସିଥିଲା ଯେ, ଅଲ୍ଲାଃ ତାଲା ଆପଣ ସ:ଆ:ସଙ୍କୁ ଅବଶ୍ୟ ଉଠାଇବେ ଯଦିଚ କେତେକ ଲୋକଙ୍କର ହାତଗୋଡ଼ କାଟି ଦିଅନ୍ତୁ । ଠିକ୍ ଏହି ସମୟରେ ହଜ୍ରତ୍ ଅବୁବକର ର:ଅ ପଦାର୍ପଣ କଲେ ଏବଂ ଆସିଗଲେ ହଜ୍ରତ୍ ଉମର୍ ର:ଅ ଏହାକୁ ମାନିବାକୁ ପ୍ରସ୍ତୁତ ନଥିଲେ ଯେ, ଆଁ ହଜ୍ରତ୍ ସ:ଆ:ସଙ୍କ ବିୟୋଗ ହୋଇଯାଇଛି । ହଜ୍ରତ୍ ଉମର୍ ର:ଅ କହିଲେ, ଆଁ ହଜ୍ରତ୍ ସ:ଆ:ସ ପୂର୍ନବାର ଜୀବିତ ହୋଇଯିବେ । ହଜ୍ରତ୍ ଅବୁବକର ର:ଅ ଠିକ୍ ଏହି ସମୟରେ ଆସି ଉପସ୍ଥିତ ହେଲେ ଏବଂ ଆଁ ହଜ୍ରତ୍ ସ:ଆ:ସଙ୍କ ମୁଖମଣ୍ଡଳରୁ କପଡ଼ା ହଟାଇଲେ ଏବଂ ଆପଣ ସ:ଆ:ସଙ୍କୁ ଚୁମ୍ବନ ଦେଇ କହିବାକୁ ଲାଗିଲେ ଯେ, ମୋର ପିତାମାତା ଆପଣ ସ:ଆ:ସଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ ଆପଣ ସ:ଆ:ସ ଜୀବିତ ଅବସ୍ଥାରେ ମଧ୍ୟ ଏବଂ ମୃତ ଅବସ୍ଥାରେ ମଧ୍ୟ ପବିତ୍ର ଅଟନ୍ତି । ମୁଁ ସେହି ଅସ୍ତିତ୍ୱର ରାଣ ଖାଇ କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି । ଅଲ୍ଲାଃ ତାଲା କେବେହେଲେ ଆପଣ ସ:ଆ:ସଙ୍କୁ ଦୁଇଟି ମୃତ୍ୟୁର ସ୍ୱାଦ ଆସ୍ୱାଦନ କରାଇବେ ନାହିଁ । ଏହା କହି ହଜ୍ରତ୍ ଅବୁବକର ର:ଅ ବାହାରକୁ ବାହାରି ଆସିଲେ ଅର୍ଥାତ ଲୋକମାନଙ୍କ ପାଖକୁ ଆସିଲେ ଏବଂ ଲୋକମାନଙ୍କ ପାଖକୁ ଆସି କହିବାକୁ ଲାଗିଲେ ଯେ, ହେ ଶପଥକାରୀ ରହିଯା ! ଅର୍ଥାତ ହଜ୍ରତ ଉମର୍ ବିନ୍ ଖତାବ୍ ର:ଅଙ୍କୁ ସମ୍ବୋଧିତ କରି କହିଲେ ଏବଂ କହିଲେ ହେ ଶପଥକାରୀ ରହିଯା ! ସୁତରାଂ ହଜ୍ରତ୍ ଅବୁବକର ର:ଅ ଯେତେବେଳେ ନିଜର ଅଭିଭାଷଣ ଆରମ୍ଭ କଲେ ସେତେବେଳେ ହଜ୍ରତ୍ ଉମର୍ ର:ଅ ବସି ପଡ଼ିଲେ । ହଜ୍ରତ୍ ଅବୁବକର ର:ଅ ଅଲ୍ଲାଃ ତାଲାଙ୍କ ମହିମା ଗାନ କରି କହିଲେ ଯେ, **ଆଲା ମନ୍ କାନା ୟାବୁଦୁ ମୁହମ୍ମଦୁନ୍ ସ:ଆ:ସ ଫାଇନ୍ନା ମୁହମ୍ମଦନ୍ ସ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମା କଦ୍ ମାତା ୱମନ୍ କାନା ୟାବୁଦୁଲ୍ଲାଃ ଫାଇନ୍ନଲ୍ଲାଃ ହଇୟୁନ୍ ଲା ୟମୁତୁ ।** ଅର୍ଥାତ ଦେଖ ! ଯିଏ ମୁହମ୍ମଦ୍ ସ:ଆ:ସଙ୍କର ଉପାସନା କରୁଥିଲା ସେ ଶୁଣିନେଉ ! ମୁହମ୍ମଦ ସ:ଆ:ସଙ୍କ ନିଃସନ୍ଦେହ ବିୟୋଗ ହୋଇ ଯାଇଛି କିନ୍ତୁ ଯିଏ ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲା ସେ ଏକଥା ମନେରଖୁ ! ଅଲ୍ଲାଃ ତାଲ ଚୀରଞ୍ଜିବୀ ଅଟନ୍ତି ଏବଂ ତାଙ୍କୁ କେବେ ମୃତ୍ୟୁ ଆସିବ ନାହିଁ । ଏହାପରେ ହଜ୍ରତ୍ ଅବୁବକର୍ ର:ଅ ଏହି ଆୟତ ଆବୃତି କଲେ ଯେ, **ଇନ୍ନକା ମଇତୁନ୍ ୱ ଇନ୍ନହୁମ୍ ମଇୟେତୁନ୍ (ଅଲ୍ ଜୁମର୍:୩୧)** । ଅର୍ଥାତ ତୁମେ ମଧ୍ୟ ଦିନେ ମୃତ୍ୟୁବରଣ କରିବ ଓ ସେମାନେ ମଧ୍ୟ ମୃତ୍ୟୁବରଣ କରିବେ । ପୁନଶ୍ଚ ସେ ଏହି ଆୟତ୍ ଆବୃତି କଲେ ଯେ, **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍ଲିହିର୍ ରସୁଲୁ । ଅଫା ଇମ୍ ମାତା ଅଔ କୁତିଲନ୍ କଲବ୍ତୁମ୍ ଅଲା ଆକାବିକୁମ ୱମନ୍ ୟନ୍କଲିବୁ ଅଲା ଅକିବୈହି ଫଲନ୍ ୟଜୁର୍ରଲ୍ଲାଃହା ଶୈଆ ୱସୟଯ୍ଜିଲ୍ଲାହୁଶ୍ ଶାକିରିନ୍ (ଆଲେ ଇମ୍ରାନ୍:୧୪୫)** । ଏବଂ ମୁହମ୍ମଦ୍ ସ:ଆ:ସ କେବଳ ଜଣେ ରସୁଲ୍ ଅର୍ଥାତ ବାର୍ତାବହ ଅଟନ୍ତି, ତାହାଙ୍କ ପୂର୍ବରୁ ସମସ୍ତ ରସୁଲ୍ ବା ବାର୍ତାବହମାନେ ମୃତ୍ୟୁ ବରଣ କରିସାରିଛନ୍ତି । ସୁତରାଂ ଯଦି ସେ ମୃତ୍ୟୁ ବରଣ କରନ୍ତି କିମ୍ୱା ଯଦି ତାହାଙ୍କୁ ହତ୍ୟା କରାଯାଏ ତେବେ କ'ଣ ତୁମେମାନେ ପଶ୍ଚାତ୍ପଦ୍ ହୋଇ ଫେରିଯିବ ଅର୍ଥାତ ଧର୍ମରୁ ଓହରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତ୍ପଦ ହୋଇ ଫେରିଯାଏ ସେ ଅଲ୍ଲାଃ ତାଲାଙ୍କର କଦାପି କୌଣସି କ୍ଷତି କିମ୍ୱା ଅନିଷ୍ଟ କରିପାରିବ ନାହିଁ ଏବଂ ଅଲ୍ଲାଃ ତାଲା କୃତଜ୍ଞମାନଙ୍କୁ ନିଶ୍ଚୟ ଉତମ ପ୍ରତିଫଳ ପ୍ରଦାନ କରିବେ । ସୁଲୈମାନ୍ କହୁଥିଲେ ଏକଥା ଶୁଣି ଲୋକମାନେ ଏତେ କାନ୍ଦିଲେ ଯେ, ସେମାନଙ୍କର କୋହ ବାହାରି ପଡ଼ିଲା । *(ସହି ବୁଖାରୀ......ହଦିସ୍ ୩୬୬୭, ୩୬୬୮) (ଫର୍ହଙ୍ଗ ସିରତ୍, ପୃ-୧୫୭....... କରାଚି ୨୦୦୩)*

ହଜ୍ରତ୍ ଇବ୍ନେ ଅବ୍ବାସ ର:ଅ କହିଲେ ଯେ ଅଲ୍ଲାଃ ତାଲାଙ୍କ ରାଣ ଖାଇ କହୁଛି ସେତେବେଳେ ଏମିତି ଲାଗୁଥିଲା ଯେମିତି ହଜ୍ରତ୍ ଅବୁବକର୍ ର:ଅଙ୍କ ଦ୍ୱାରା ଏହି ଆୟତ ପାଠ କରାଯିବା ପୂର୍ବରୁ ଲୋକମାନେ ଏହା ଜାଣିନଥିଲେ ଯେ ଏହି ଆୟତଟିକୁ ଅଲ୍ଲାଃ ଅବତୀର୍ଣ୍ଣ କରିଛନ୍ତି

ବୋଲି । ଯେମିତି ସବୁ ଲୋକମାନେ ହଜରତ୍ ଅବୁବକର ର:ଅଙ୍କଠାରୁ ହିଁ ଏହି ଆୟତଟି ଶିଖିନେଲେ । ଏହାପରେ ମୁଁ ଯେଉଁ ବ୍ୟକ୍ତିକୁ ମଧ୍ୟ ମୁଁ ଦେଖିଲି ସେ ଏହି ଆୟତ ପଢୁଥିଲେ । ଜୁହରି କହୁଥିଲେ ସଇଦ୍ ବିନ୍ ମୁସୟବ୍ ମତେ କହିଲେ ଯେ ହଜରତ୍ ଉମର୍ ର:ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଯେଉଁ ମୁହୂର୍ତ୍ତରେ ହଜରତ୍ ଅବୁବକର ର:ଅଙ୍କଠାରୁ ଏହି ଆୟତ୍ ଶୁଣିଲି ସେହି ମୁହୂର୍ତ୍ତରୁ ମୁଁ ଏତେମାତ୍ରାରେ ଘାବରେଇ ଗଲି ଯେ ମୁଁ ଭୟଭୀତ ହୋଇଗଲି ଓ ମୋର ପାଦ ଦ୍ୱୟକୁ ମୁଁ ସମ୍ଭାଳି ପାରିଲି ନାହିଁ ଏବଂ ଭୂମି ଉପରେ ପଡ଼ିଗଲି । ଅତଏବ ହଜରତ୍ ଅବୁବକର ର:ଅଙ୍କଠାରୁ ଏହି ଆୟତ ଶୁଣିବା ପରେ ମୋର ହୃଦବୋଧ ହେଲା ଯେ ନବୀ କରିମ୍ ସ:ଆ:ସ ଆଉ ଇହଧାମରେ ନାହାନ୍ତି ବରଂ ମୃତ୍ୟୁବରଣ କରିସାରିଛନ୍ତି ।

***(ସହି ବୁଖାରୀ......ହଦିସ୍ ୪୪୫୪)***

ହଜରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରି ଆରବୀ ଶବ୍ଦକୁ ମଧ୍ୟ ଉଦ୍ଧୃତ କରିଛନ୍ତି ଅତଏବ ମୁଁ ଏଠାରେ ତାହାର ଅନୁବାଦ ପଢ଼ିଦେଉଛି । ଯେତେବେଳେ ଏହା ପ୍ରକାଶିତ ହେବ ସେତେବେଳେ ତାହାର ଚର୍ଚ୍ଚା ମଧ୍ୟ ଆସିଯିବ । ହଜରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ସହି ବୁଖାରୀରେ ନିମ୍ନଲିଖିତ ବାକ୍ୟ ଉଲ୍ଲେଖ ରହିଛି । **ଅନ୍ ଅବ୍ଦିଲ୍ଲାହିବ୍ନେ ଅବ୍ବାସିନ୍ ଅନ୍ନା ଅବା ବକ୍ରିନ୍ ଖରଜା........ ସମିଇତୁହୁ ତଲାହା ଅନ୍ନନ୍ ନବୀୟା ସ୍ୱଲ୍ଲଲ୍ଲାହୁ ଆଲୈହେ ୱ ସଲ୍ଲମା କଦ୍ ମାତା** ଅର୍ଥାତ ଇବ୍ନେ ଅବ୍ବାସ ବର୍ଣ୍ଣନା କରନ୍ତି ଯେ, ଅବୁବକର ର:ଅ ବାହାରିଲେ (ଅର୍ଥାତ ଆଁ ହଜରତ୍ ସ:ଆ:ସଙ୍କ ମୃତ୍ୟୁ ଦିନ) ଏବଂ ହଜରତ୍ ଉମର୍ ର:ଅ ଲୋକମାନଙ୍କ ସହିତ କିଛି କଥାବାର୍ତ୍ତା କରୁଥିଲେ (ଅର୍ଥାତ ଏହା କହୁଥିଲେ ଯେ, ଆଁ ହଜରତ୍ ସ:ଆ:ସ ମୃତ୍ୟୁ ବରଣ କରିନାହାନ୍ତି ବରଂ ଜୀବିତ ଅଛନ୍ତି) ଅତଏବ ହଜରତ୍ ଅବୁବକର ର:ଅ କହିଲେ ଯେ, ଉମର୍ ବସିଯାଅ କିନ୍ତୁ ହଜରତ୍ ଉମର୍ ର:ଅ ବସିବାକୁ ଅସ୍ୱୀକାର କରିଦେଲେ । ତେଣୁ ଲୋକମାନେ ହଜରତ୍ ଅବୁବକର ର:ଅଙ୍କ ଆଡ଼କୁ ଆକର୍ଷିତ ହେଲେ ବା ଚାହିଁଲେ ଏବଂ ହଜରତ୍ ଉମର୍ ର:ଅଙ୍କୁ ଛାଡ଼ିଦେଲେ । ହଜରତ୍ ଅବୁବକର ର:ଅ ଅଲ୍ଲାଃ ତାଲାଙ୍କ ପ୍ରଶଂସା ଗାନ କରି ନବୀ କରିମ୍ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରି କହିଲେ ଯେ, ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୁହମ୍ମଦ ସ:ଆ:ସଙ୍କ ଉପାସନା କରୁଥିଲେ ସେହି ବ୍ୟକ୍ତି ମନେ ରଖୁ ଯେ, ହଜରତ୍ ମୁହମ୍ମଦ ସ:ଆ:ସ ମୃତ୍ୟୁ ବରଣ କରିସାରିଛନ୍ତି ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲେ ସେମାନେ ଏକଥାକୁ ମନେ ରଖନ୍ତୁ ଯେ, ଅଲ୍ଲାଃ ତାଲା ଜୀବନ୍ତ ଅଟନ୍ତି ଏବଂ ସେ ଚିରଞ୍ଜୀବୀ ଅଟନ୍ତି । ତାଙ୍କୁ କଦାପି ମୃତ୍ୟୁ ସ୍ପର୍ଶ କରିବନାହିଁ । ଆଁ ହଜରତ୍ ସ:ଆ:ସଙ୍କ ମୃତ୍ୟୁ ସମ୍ପର୍କରେ ଅଲ୍ଲାଃ ତାଲା ଗୋଟିଏ ଦଲିଲ୍ ଉପସ୍ଥାପିତ କରି କହିଲେ ଯେ, **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍ଲିହିର୍ ରୁସୁଲ୍** ଅର୍ଥାତ ମୁହମ୍ମଦ କେବଳ ଅଲ୍ଲାଃ ତାଲାଙ୍କ ବାର୍ତ୍ତାବହ ରସୁଲ୍ ଅର୍ଥାତ ତାଙ୍କ ପୂର୍ବରୁ ସମସ୍ତ ବାର୍ତ୍ତାବହମାନେ ଏହି ଇହଧାମ ପରିତ୍ୟାଗ କରି ସ୍ୱର୍ଗ ଆରୋହଣ କରିଯାଇଛନ୍ତି ଏବଂ ହଜରତ୍ ଅବୁବକର ର:ଅ **ଅଶ୍ଶାକିରିନ୍** ପର୍ଯ୍ୟନ୍ତ ଏହି ଆୟତକୁ ପଢ଼ି ଶୁଣାଇଲେ । ପୁନଶ୍ଚ ବର୍ଣ୍ଣନାକାରୀ ଉଲ୍ଲେଖ କରନ୍ତି ଯେ, ଅତଏବ ଲୋକମାନେ ଏହି ଆୟତ ସଂପର୍କରେ ଏହା ପୂର୍ବରୁ ଅଜ୍ଞାତ ଥିଲେ । ଅର୍ଥାତ ହଜରତ୍ ଅବୁବକର ର:ଅଙ୍କ ପଢ଼ିବା ପରେ ହିଁ ସେମାନଙ୍କୁ ଉକ୍ତ ଆୟତ୍ ସଂପର୍କରେ ଜ୍ଞାତ ହେଲା । ଅତଏବ ଉକ୍ତ ଆୟତକୁ ସମସ୍ତ ସାହାବାମାନେ ହଜରତ୍ ଅବୁବକର ର:ଅଙ୍କ ଠାରୁ ସହୃଦୟ ହୋଇ ଗ୍ରହଣ କରିନେଲେ ଏବଂ ଏପରି କୌଣସି ସାହାବି ନଥିଲେ ଯିଏ ଏହି ଆୟତକୁ ପଢୁ ନଥିଲେ । ହଜରତ୍ ଉମର୍ ର:ଅ କହିଲେ ଯେ, ପରମେଶ୍ୱରଙ୍କ ଶପଥ କରି କହୁଛି ଯେତେବେଳେ ହଜରତ ଅବୁବକର ର:ଅ ଉକ୍ତ ଆୟତକୁ ଆବୃତି କଲେ ସେତେବେଳେ ହିଁ ମୁଁ ଏହି ଆୟତ ତାଙ୍କଠାରୁ ହିଁ ଶୁଣିଲି ଅତଏବ ମୁଁ ଏହାକୁ ଶୁଣିବା ମାତ୍ରେ ହତ୍‌ବାକ୍ ହୋଇଗଲି ଏବଂ ମର୍ମାହତ ହୋଇପଡ଼ିଲି । ଯଦ୍ୱାରା ମୋର ପାଦ ମଧ୍ୟ ଉଠି ପାରୁନଥିଲା ଏବଂ ମୁଁ ସେତେବେଳେ ଭୂମି ଉପରେ ପଡ଼ିଗଲି । ହଜରତ୍ ମସିହ ମଉଦ୍ ଆ:ସ କୁହନ୍ତି ଏଠାରେ **କସ୍ତଲାନି ଶରହ୍** ବୁଖାରୀର ନିମ୍ନ ବାକ୍ୟଟି ରହିଛି ଯେ, **ୱ ଉମରୁବ୍ନୁଲ୍ ଖତ୍ତାବି ୟୁକଲ୍ଲିମୁନ୍ ନାସା ୟକୁଲୁ ଲହୁମ୍ ମା ମାତା ରସୁଲୁଲ୍ଲାହି ୱଲା ୟମୁତୁ ହତ୍ତା ୟକ୍ତୁଲଲ୍ ମୁନାଫିକିନ୍** ଅର୍ଥାତ ହଜରତ୍ ଉମର୍ ର:ଅ ଲୋକମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ଏବଂ କହୁଥିଲେ ଯେ, ଆଁ ହଜରତ୍ ସ:ଆ:ସ ମୃତ୍ୟୁବରଣ କରିନାହାନ୍ତି ଏବଂ ଯେପର୍ଯ୍ୟନ୍ତ ମୁନାଫିକ୍‌ମାନଙ୍କୁ ଅର୍ଥାତ କପଟବିଶ୍ୱାସୀମାନଙ୍କ ସେ ବଦ୍ଧ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଆଁ ହଜରତ୍ ସ:ଆ:ସ ମୃତ୍ୟୁବରଣ କରିପାରିବେ ନାହିଁ । ପୁନଶ୍ଚ ଆପଣ ଆ:ସ କହିଲେ ଏବଂ **ମିଲଲ୍ ୱ ନହଲ୍ ଶହରସ୍ତାନୀ**ରେ ଉକ୍ତ ଘଟଣା ସମ୍ପର୍କରେ ଚର୍ଚ୍ଚା କରନ୍ତି କରାଯାଇଅଛି ଯେ: **କାଲା ଉମରୁବ୍ନୁଲ୍ ଖତାବିମନ୍ କାଲା ଅନ୍ନା ମୁହମ୍ମଦନ୍ ମାତା ଫକତଲତୁହୁ............ ଅଫଇନ୍ ମାତା ଅଓ କୁତିଲା ଇନ୍‌କଲବ୍‌ତୁମ୍ ଅଲା ଆକାବିକୁମ୍ (ଆଲେ ଇମ୍ରାନ୍:୧୪୫)ଫ ରଜଅଲ୍ କୌମୁଇଲା କୌଲିହି ।** ଉକ୍ତ ବାକ୍ୟଗୁଡ଼ିକର ଅନୁବାଦ ନିମ୍ନଲିଖିତ ଅଟେ ।

ହଜରତ୍ ଉମର୍ ର:ଅ କହୁଥିଲେ ଯେ, ଯେଉଁ ବ୍ୟକ୍ତି ଏହା କହିବ ଯେ ନବୀ କରିମ୍ ସ:ଆ:ସ ମୃତ୍ୟୁ ବରଣ କରିଛନ୍ତି ତେବେ ମୁଁ ନିଜର ତରବାରୀ ଦ୍ୱାରା ସେହି ବ୍ୟକ୍ତିର ସ୍କନ୍ଦଚ୍ୟୁତ କରିଦେବି । ଆଁ ହଜରତ୍ ସ:ଆ:ସଙ୍କର ମୃତ୍ୟୁ ହୋଇନାହିଁ ବରଂ ଆକାଶ ଉପରକୁ ତାଙ୍କୁ ଉଠାଇ ନିଆଯାଇଅଛି । ଯେପରି ଇଶା ଆ:ସଙ୍କୁ ଉଠାଇ ନିଆଯାଇଥିଲା । ହଜରତ୍ ଅବୁବକର ର:ଅ କହିଲେ ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲେ ସେ ଏକଥା ମନେରଖୁ ଯେ, ଅଲ୍ଲାଃ ତାଲା ଜୀବନ୍ତ ଅଟନ୍ତି ଏବଂ ସେ ଚିରଞ୍ଜୀବି ଅଟନ୍ତି । ତାଙ୍କୁ କଦାପି ମୃତ୍ୟୁ ସ୍ପର୍ଶ କରିବନାହିଁ । ଅର୍ଥାତ ଅଲ୍ଲାଃ ତାଲାଙ୍କ ଏହି ବିଶେଷଗୁଣ ରହିଛି ଯେ, ସେ ଚିରଞ୍ଜୀବୀ କିନ୍ତୁ ଅନ୍ୟ ସମସ୍ତ ବସ୍ତୁ ଓ ମାନବଜାତି ଏବଂ ସକଳ ଜୀବଜନ୍ତୁମାନଙ୍କର ପ୍ରଜାତି ହେଉଛି ନଶ୍ୱର । ଏହାପରେ ହଜରତ ଅବୁବକର ର:ଅ ଏହି ଆୟତ ପଢ଼ିଲେ ଯେ, **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍ଲିହିର୍ ରୁସୁଲ୍** ଅର୍ଥାତ ମୁହମ୍ମଦ ସ:ଆ:ସ କେବଳ ଜଣେ ବାର୍ତ୍ତାବହ ଅଟନ୍ତି ତାହାଙ୍କ ପୂର୍ବରୁ ସମସ୍ତ ରସୁଲ୍ ବା ବାର୍ତ୍ତାବହମାନେ ମୃତ୍ୟୁବରଣ କରିସାରିଛନ୍ତି । ଅତଏବ ଲୋକମାନେ ସେତେବେଳେ ଉକ୍ତ ଆୟତକୁ ଶୁଣି ନିଜର ଚିନ୍ତାଧାରାକୁ ପରିବର୍ତ୍ତନ କରିନେଇଥିଲେ । ବର୍ତ୍ତମାନ ଟିକିଏ ଚିନ୍ତା କରି ଦେଖ ଯେ, ଯଦି ହଜରତ୍ ଅବୁବକର ର:ଅଙ୍କ ପବିତ୍ର କୁର୍‌ଆନ୍‌ରୁ ଏହା ପ୍ରମାଣିତ କରିବା ଯଥାର୍ଥ ନଥିଲା ଯେ, ସମସ୍ତ ନବୀମାନେ ମୃତ୍ୟୁବରଣ କରି ସାରିଛନ୍ତି ବୋଲି ଏବଂ ସେହିପରି ଯଦି ଏହା ପ୍ରମାଣିତ କରିବାଟା ସଂପୂର୍ଣ୍ଣ ଏବଂ ସିଦ୍ଧାନ୍ତପୂର୍ଣ୍ଣ ତଥା ଯୁକ୍ତିଯୁକ୍ତ ପ୍ରମାଣ ନଥିଲା ତାହା ହେଲେ ସେହି ସାହାବାମାନେ, ଯେଉଁମାନେ ତାଙ୍କ କହିବା ଅନୁସାରେ ଏକ ଲକ୍ଷରୁ ଅଧିକ ଥିଲେ, ସେମାନେ କେବଳ ଏହି ମନଗଢ଼ା କଥାରେ କାହିଁକି ରାଜି ହୋଇଗଲେ ? ଅର୍ଥାତ ହଜରତ ମସିହ ମଉଦ ଆ:ସ ଏଠାରେ ଏହି ପ୍ରମାଣଟି ଉପସ୍ଥାପିତ କରୁଛନ୍ତି ଯେ, ସେହି ଶୋକ ସମୟରେ ପ୍ରାୟ ଏକଲକ୍ଷରୁ ଉର୍ଦ୍ଧ୍ୱ ସାହାବାମାନେ ଉପସ୍ଥିତ ଥିଲେ, ସେମାନେ କାହିଁକି ହଜରତ୍ ଅବୁବକର ର:ଅଙ୍କ ଏହି କାଳ୍ପନିକ ତଥା ସ୍ୱପ୍ନପନୀତ ବିଷୟକୁ ଗ୍ରହଣ କରିନେଲେ ? ଏବଂ ସେମାନେ କାହିଁକି କୌଣସି ଦଲିଲ୍ ଉପସ୍ଥାପିତ କଲେ ନାହିଁ ? ସେମାନେ ହଜରତ୍ ଅବୁବକର ର:ଅଙ୍କୁ ଏହା କହି ପାରିଥାଆନ୍ତେ ଯେ, ହେ ଅବୁ ବକର ! ଆପଣଙ୍କ ଦଲିଲଟି ଅସଂପୂର୍ଣ୍ଣ ଅଟେ ଏବଂ କୌଣସି ଧର୍ମ ବୈଧାନିକ ପ୍ରମାଣ ଆପଣଙ୍କ ହସ୍ତରେ ନାହିଁ । କ'ଣ ଆପଣ ଅଦ୍ୟାବଧି ତହିଁରୁ ଅଜ୍ଞାତ ଅଛନ୍ତି ? ଯେ, ପବିତ୍ର କୁର୍‌ଆନ୍‌ର ହିଁ ଆୟତ୍ **ୱରାଫିଉକା ଇଲେୟା**ରେ ହଜରତ୍ ଇସା ଆ:ସ ସଶରୀର ଆକାଶକୁ ଚାଲିଯିବାର ପବିତ୍ର କୁର୍‌ଆନରେ ଉଲ୍ଲେଖ ରହିଛି । କ'ଣ ଆପଣ **ବର୍ ରଫଅହୁଲ୍ଲାହୁ ଇଲୈହି** ବିଷୟରେ ମଧ୍ୟ ଶୁଣି ନାହାନ୍ତି ? ପୁଣି ଆଁ ହଜରତ୍ ସ:ଆ:ସଙ୍କର ଆକାଶକୁ ଚାଲିଯିବାର ଆପଣଙ୍କ ନିକଟରେ କାହିଁକି ଆଶ୍ଚର୍ଯ୍ୟ ଲାଗୁଛି । ବରଂ ସମସ୍ତ ସାହାବାମାନେ ପବିତ୍ର କୁର୍‌ଆନ୍ ସହିତ ଭଲଭାବରେ ଅବଗତ ଥିଲେ । ସେମାନେ ଏହି ଆୟତ୍ ଶୁଣିଲେ ଅର୍ଥାତ **କଦ୍ ଖଲତ୍**ର ଏବଂ ଏହାର ବ୍ୟାଖ୍ୟା **ଅଫାଇନ୍ ମାତା ଅଉ କୁତିଲା**ରେ ପାଇ ଶୀଘ୍ରାତିଶୀଘ୍ର ନିଜର ପୂର୍ବ ଧାରଣାକୁ ପରିତ୍ୟାଗ କରିଦେଲେ ହିଁ ସେମାନଙ୍କ ହୃଦୟ ସେତେବେଳେ ଆଁ ହଜରତ୍ ସ:ଆ:ସଙ୍କର ଅକାଳ ବିୟୋଗ ଯୋଗୁଁ ଅତ୍ୟନ୍ତ ମର୍ମାହତ ଓ ଦୁଃଖରେ ଭାଙ୍ଗି ପଡ଼ିଥିଲା ଏବଂ ସେମାନଙ୍କ ପ୍ରାଣପିଣ୍ଡ ରୁଦ୍ଧ ହୋଇଯାଇଥିଲା । ହଜରତ୍ ଉମର୍ ର:ଅ କହିଲେ ଯେ, ଏହି ଆୟତକୁ ଶୁଣିବାପରେ ମୋର ଏପରି ଅବସ୍ଥା ହୋଇଗଲା ଯେ, ଯେମିତି ମୋ ଶରିରରେ ଆଉ ଜୀବନ ନାହିଁ ଏବଂ ମୋର ପାଦ ଆଉ ଉଠିପାରୁନାହିଁ । ସୁତରାଂ ମୁଁ ଭୂମି ଉପରେ ନିର୍ଜୀବ ପରି ପଡ଼ିଗଲି । ଶୁଭାନ୍‌ଅଲ୍ଲାଃ ସାହାବାମାନଙ୍କ ହୃଦୟ କେତେ ପବିତ୍ର ଥିଲା ଏବଂ ପବିତ୍ର କୁର୍‌ଆନ୍ ସହିତ ସେମାନେ ଭଲ ଭାବରେ ପରିଚିତ ଥିଲେ ଯେ, ଯେତେବେଳେ ସେମାନେ ଉକ୍ତ ଆୟତ ଉପରେ ଚିନ୍ତା ତଥା ଅନୁଶୀଳନ କଲେ, ସେତେବେଳେ ସେମାନେ ଏହା ବୁଝିପାରିଲେ ଯେ, ସମସ୍ତ ବିଗତ ଅବତାରମାନେ ମୃତ୍ୟୁବରଣ କରିସାରିଛନ୍ତି । ଅତଏବ ସେମାନେ କାନ୍ଦିବା ଆରମ୍ଭ କଲେ ଏବଂ ଶୋକାଯୁକ୍ତ ହୋଇଗଲେ ଏବଂ ଏହା ବ୍ୟତିତ ସେମାନେ ଅନ୍ୟ କୌଣସି ପ୍ରତିକ୍ରିୟା ଜଣାଇଲେ ନାହିଁ । ***(ତୋହଫା ଗଜନୁୱିୟା ରୁହାନି ଖଜାଇନ୍ ଖଣ୍ଡ-୧୫, ପୃ-୫୭୯-୫୮୩)***

ପୁନଶ୍ଚ ଅନ୍ୟ ଏକ ଅବସରରେ ହଜରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ହଜରତ୍ ଉମର୍ ର:ଅଙ୍କ ଏହି କହିବା ଯେ, ଯେଉଁ ବ୍ୟକ୍ତି ହଜରତ ସ:ଆ:ସଙ୍କ ସମ୍ପର୍କରେ ଏହି ବାକ୍ୟ ତୁଣ୍ଡରେ ଧରିବ ଯେ ଆଁ ହଜରତ୍ ସ:ଆ:ସଙ୍କ ମୃତ୍ୟୁ ଘଟିଛି ତାହେଲେ ମୁଁ ନିଜ ତରବାରୀ ଦ୍ୱାରା ସେହି ବ୍ୟକ୍ତିର ସ୍କନ୍ଦଚ୍ୟୁତ କରିଦେବି । ତହିଁରୁ ଏହା ସ୍ପଷ୍ଟ ହୁଏ ଯେ, ହଜରତ୍ ଉମର୍ ର:ଅଙ୍କୁ ନିଜର କୌଣସି ଏକ ଭ୍ରାନ୍ତ ଧାରଣା ଯୋଗୁଁ ଆଁ ହଜରତ୍ ସ:ଆ:ସଙ୍କ ଜୀବନ ସମ୍ପର୍କରେ ଭ୍ରମ ଲାଗିଥିଲା । ସେ ଏହି ବାକ୍ୟକୁ ଅର୍ଥାତ "ଆଁ ହଜରତ୍ ସ:ଆ:ସଙ୍କ ମୃତ୍ୟୁବରଣ କରିସାରିଛନ୍ତି" ଅବିଶ୍ୱାସମୂଳକ ତଥା ଧର୍ମରୁ ଓହରି ଯିବ ବୋଲି ମନେ କରୁଥିଲେ । ଅଲ୍ଲାଃ ତାଲା ଅଶେଷ ଅଶେଷ ପ୍ରତିଫଳ ହଜରତ୍ ଅବୁବକର ର:ଅଙ୍କୁ ପ୍ରଦାନ କରନ୍ତୁ ଯେ, ସେ ଖୁବ୍ ଶୀଘ୍ର ଏହି ଫିତ୍‌ନା ଅର୍ଥାତ ଭ୍ରାନ୍ତ ଧାରଣାକୁ ପଣ୍ଡ କରିଥିଲେ ଏବଂ ଧର୍ମ ବିଧାନକୁ ଉପସ୍ଥାପିତ କରି କହିଲେ ଯେ, ସମସ୍ତ ନବୀଙ୍କର ମୃତ୍ୟୁ ଘଟି ସାରିଛି ବା ସମସ୍ତ ନବୀମାନେ ମୃତ୍ୟୁବରଣ କରିସାରିଛନ୍ତି ଏବଂ ଯେମିତି କି ସେ ମୁସ୍‌ଲେମା କଜ୍ଜାବକୁ ଏବଂ ଅସ୍ୱଦ୍ ଅନ୍‌ସି ଇତ୍ୟାଦିକୁ ହତ୍ୟା କଲେ । ବାସ୍ତବିକ୍ ଏହାକୁ ବ୍ୟାଖ୍ୟା କରି ଅନେକ ଫଏଜ୍ ଅଓ୍ୱେଜର ମିଥ୍ୟାଚାରୀମାନଙ୍କୁ ସମସ୍ତ ସାହାବାମାନଙ୍କ ଏକମତ ହେବା ଦ୍ୱାରା ହତ୍ୟା କରିଦେଲେ । ଯେପରି ସେମାନେ ମୁସ୍‌ଲେମା କଜ୍ଜାବ୍ ଏବଂ ଅସ୍ୱଦ୍ ଉନ୍‌ସି ଆଦି

ମିଥ୍ୟାବାଦୀ ନବୀମାନଙ୍କର ବଦ୍ଧ କରିଥିଲେ । ଅର୍ଥାତ ଯେଉଁଭଳି ଭାବରେ ସେହି ମିଥ୍ୟାବାଦୀ ନବୀମାନଙ୍କର ସଂହାର କରିଥିଲେ ସେହିପରି ଉକ୍ତ ମିଥ୍ୟା ତଥା ଭ୍ରାନ୍ତ ଧାରଣାର ମୂଳପ୍ରାଟନ କରିଥିଲେ ଅତଏବ କେବଳ ଚାରିଜଣ ମିଥ୍ୟାବାଦୀ ନବୀ ନୁହେଁ ବରଂ ପାଂଚଜଣ ମିଥ୍ୟାବାଦୀଙ୍କୁ ନୀହତ କଲେ । ପୁନଶ୍ଚ ଆପଣ ଆ:ସ କୁହନ୍ତି ଯେ, ହେ ପ୍ରଭୁ ! ତାଙ୍କ ଜୀବନ ଉପରେ କୋଟି କୋଟି ରହ୍‌ମତ୍ (କରୁଣା) ଅବତୀର୍ଣ୍ଣ କର । ଆମିନ୍ । ସୁତରାଂ ଏଠାରେ ଯଦି **'ଖଲତ୍'** ଶବ୍ଦର ଅର୍ଥ ଏହା କରାଯାଏ ଯେ, କେତେକ ନବୀମାନେ ବର୍ତ୍ତମାନ ସୁଦ୍ଧା ଆକାଶରେ ଜୀବିତ ବସିଛନ୍ତି ତାହାହେଲେ ଏହି କ୍ଷେତ୍ରରେ ହଜ୍‌ରତ୍ ଉମର୍ ର:ଅ ନ୍ୟାୟରେ ଥିଲେ ଏବଂ ଆୟତ୍ ତାଙ୍କ ପକ୍ଷେ କୌଣସି କ୍ଷତିକାରକ ନଥିଲା ବରଂ ତାଙ୍କୁ ସମର୍ଥନ ଜଣାଉଥିଲା । କିନ୍ତୁ ଉକ୍ତ ଆୟତର ପରବର୍ତ୍ତୀ ପଦ ଯାହାକି ବ୍ୟାଖ୍ୟା ରୂପେ ବର୍ଣ୍ଣିତ ଅଟେ ଯେ **ଅଫଇମ୍ ମାତା ଅଓ କୁତିଲା (ଆଲେ ଇମ୍‌ରାନ୍:୧୪୫)** ଯାହା ଉପରେ ହଜ୍‌ରତ୍ ଅବୁବକର ର:ଅଙ୍କ ଦୃଷ୍ଟି ପଡ଼ିଲା, ସେଥିରୁ ଏହା ପ୍ରକାଶ ହେଲା ଯେ ଏହି ଆୟତର ଏପରି ଅର୍ଥ କରିବା କି ସମସ୍ତ ନବୀମାନେ ଇହଧାମ ତ୍ୟାଗ କରି ଚାଲିଯାଇଛନ୍ତି ଅର୍ଥାତ ମୃତ୍ୟୁବରଣ କରିସାରିଛନ୍ତି କିମ୍ବା ସେମାନେ ଜିବୀତ ଅବସ୍ଥାରେ ହିଁ ଆରପାରିକୁ ଚାଲିଯାଇଛନ୍ତି, ବୋଲି ଏହା ପ୍ରବଞ୍ଚନା ଏବଂ ବିକୃତି ଅଟେ । ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟ ବିରୁଦ୍ଧ ଏକ ଜଘନ୍ୟ ଅପବାଦ ବା ବଦନାମ ଅଟେ ଏବଂ ଏଭଳି ଅପବାଦ ଜାଣିଶୁଣି କରୁଥିବା ବ୍ୟକ୍ତିମାନେ ପ୍ରଳୟ ଦିବସକୁ ମଧ୍ୟ ଭୟ କରନ୍ତିନାହିଁ ଏବଂ ଅଲ୍ଲାଃ ତାଲାଙ୍କ ନିଜର ବ୍ୟାଖ୍ୟାର ବିପରୀତ ଅର୍ଥ କରୁଛନ୍ତି । ସେମାନେ ନିଃସନ୍ଦେହ ଚୀରକାଳ ପାଇଁ ଅଭିଷପ୍ତ ଅଟନ୍ତି କିନ୍ତୁ ହଜ୍‌ରତ୍ ଉମର୍ ର:ଅ ସେପର୍ଯ୍ୟନ୍ତ ଉକ୍ତ ଆୟତ ସମ୍ପର୍କରେ ଜ୍ଞାନ ନଥିଲା ଏବଂ ଅନ୍ୟ କେତେକ ସାହାବାମାନେ ମଧ୍ୟ ଏହି ଭ୍ରାନ୍ତ ଧାରଣାରେ ଗ୍ରସିତ ଥିଲେ ଏବଂ ଭୁଲି ଯାଇଥିଲେ ଏବଂ ମଣିଷର ପ୍ରକୃତି ଅର୍ଥାତ ଭୁଲିଯିବାର ରୋଗରେ ପିଡ଼ୀତ ଥିଲେ । ଏହା ମଣିଷର ସ୍ୱଭାବ ଅନୁରୁପ । ତାଙ୍କ ମନରେ ଏକଥା ଥିଲା ଯେ କିଛି ନବୀ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି ଓ ପୁଣି ଏ ସଂସାରକୁ ଆସିବେ । ଅତଏବ ଆଁ ହଜ୍‌ରତ୍ ସ:ଆ:ସକାହିଁକି ପୂର୍ବ ନବୀମାନଙ୍କ ପରି ନ ହେବେ କିନ୍ତୁ ହଜ୍‌ରତ୍ ଅବୁବକର ର:ଅ ସମସ୍ତ ଆୟତ ଆବୃତି କରି ଏବଂ **ଅଫଇମ୍ ମାତା ଅଓ କୁତିଲା** ବାକ୍ୟକୁ କଥାକୁ ଶୁଣାଇଲେ ଏବଂ ମନରେ ବସାଇ ଦେଲେ ଯେ, ଖଲତ୍ ଶବ୍ଦର ଅର୍ଥ ଦୁଇଟଇ ପ୍ରକାର ଭେଦରେ ଆବଦ୍ଧ ରହିଛି । (୧) ହତ୍‌ଫି ଅନ୍‌ଫ ଦ୍ୱାରା ମରିବା ଅର୍ଥାତ ପ୍ରାକୃତିକ ମୃତ୍ୟୁ କିମ୍ବା ନିହତ ହେବାକୁ ବୁଝାଏ ଏବଂ (୨) ତାଙ୍କୁ ମାରିଦିଆଯାଉ ତା'ପରେ ସେମାନେ ନିଜ ତ୍ରୁଟିର ସ୍ୱୀକାର କଲେ ଏବଂ ସମସ୍ତ ସାହାବାମାନେ ଏହି ବ୍ୟାଖ୍ୟା ଉପରେ ଏକମତ ହୋଇଗଲେ ଯେ, ବିଗତ ସମସ୍ତ ନବୀମାନେ ମୃତ୍ୟୁ ବରଣ କରିସାରିଛନ୍ତି **ଅଫ୍‌ଇମ୍ ମାତା ଅଓ କୁତିଲା** ର ବହୁତ ବଡ଼ ପ୍ରଭାବ ପଡ଼ିଲା ଏବଂ ସମସ୍ତ ସାହାବାମାନେ ନିଜର ପୂର୍ବ ଧାରଣାକୁ ପରିତ୍ୟାଗ କରିଦେଲେ । ଫଅଲ୍‌ହମ୍‌ଦୁ ଲିଲ୍ଲାହି ଅଲା ଜାଲିକା" । ***(ତୋହ୍‌ଫାଏ ଗଜ୍‌ନୁୱିୟା ରୁହାନି ଖଜାଇନ୍ ଖଣ୍ଡ-୧୫, ପୃ-୫୮୧-୫୮୨ ହାଶିୟା)***

ପୁନଶ୍ଚ ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅନ୍ୟ ଏକ ସ୍ଥାନରେ ବର୍ଣ୍ଣନା କରି କହିଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ବିୟୋଗରେ ସମସ୍ତ ସାହାବାମାନେ ଏହା ହିଁ ସାକ୍ଷ୍ୟ ଦେଇଥିଲେ ଯେ, ସମସ୍ତ ନବୀ ମୃତ୍ୟୁବରଣ କରିସାରିଛନ୍ତି । ହଜ୍‌ରତ୍ ଉମର୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ପର୍କରେ ଏହା କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ବର୍ତ୍ତମାନ ମୃତ୍ୟୁ ଘଟିନାହିଁ ଏବଂ ନିଜର ତରବାରୀ ଉତଳନ କରି ଛିଡ଼ା ହୋଇଗଲେ କିନ୍ତୁ ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅ ଛିଡ଼ା ହେଲେ ଏବଂ ଖୁତ୍‌ବା ଉଦ୍‌ବୋଧନ ଦିଅନ୍ତି ଯେ, **ମା ମୁହମ୍ମଦୁନ୍ ଇଲ୍ଲା ରସୁଲୁନ୍ କଦ୍ ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ୍** ବର୍ତ୍ତମାନ ଏହି ଅବସରରେ ଯେଉଁ ପରିବେଶଟି ପ୍ରଳୟ ଦିବସର ଭୂମିରେ ପାଲଟି ଯାଇଥିଲା ଯେ, ନବୀ କରିମ୍ ସ:ଆ:ସ ଏ ଦୁନିଆରୁ ଚାଲିଯାଇଛନ୍ତି ଏବଂ ସମସ୍ତ ସାହାବାମାନେ ଏକତ୍ରିତ ହୋଇ ରହିଛନ୍ତି ଏପରି କି ଉସାମାଙ୍କ ସୈନ୍ୟଦଳ ମଧ୍ୟ ଅଭିଯାନରେ ବାହାରି ପାରିନଥିଲା- ଏତିକି ବେଳେ ହଜ୍‌ରତ୍ ଉମର୍ ର:ଅଙ୍କ କହିବାରେ ହଜ୍‌ରତ୍ ଅବୁବକର ର:ଅ ଉଚ୍ଚ ସ୍ୱରରେ କୁହନ୍ତି ଯେ, ମୁହମ୍ମଦ ସ:ଆ:ସ ମୃତ୍ୟୁବରଣ କରିସାରିଛନ୍ତି ଏବଂ ଏହାର ପ୍ରମାଣ ସ୍ୱରୁପ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କୁହନ୍ତି ଯେ, **ମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ ।** ଅତଏବ ସାହାବାମାନଙ୍କ ଜ୍ଞାତସାରରେ ବା ମନରେ ଯଦି ଏହି କଥାଟି ଥାଆନ୍ତା ତାହେଲେ ସେମାନେ କହି ଉଠିଥାନ୍ତେ ଯେ, ହଜରତ ଇଶା ଆ:ସ ତ' ଜୀବିତ ଅଛନ୍ତି କିନ୍ତୁ ସମସ୍ତେ ନୀରବ ରହିଗଲେ ଏବଂ ବଜାରରେ ଏହି ଆୟତକୁ ପଢୁଥିଲେ ଓ କହୁଥିଲେ ଯେ ଯେମିତି ଏହି ଆୟତଟି ଆଜି ହିଁ ଅବତୀର୍ଣ୍ଣ ହୋଇଛି । ଅଲ୍ଲାଃ ତାଲାଙ୍କ ଶରଣ ଭିକ୍ଷା କରୁଛି, ସାହାବାମାନେ ମୁନାଫିକ୍ ଅର୍ଥାତ କପଟବିଶ୍ୱାସୀ ନଥିଲେ ଯେ ସେମାନେ ହଜରତ ଅବୁବକର ର:ଅଙ୍କ ଭୟରେ ଆସି ନୀରବ ରହିଗଲେ ଏବଂ ହଜରତ ଅବୁବକର ର:ଅଙ୍କୁ ଖଣ୍ଡନ କଲେ ନାହିଁ ନା ତାହା ନୁହେଁ ପ୍ରକୃତ କଥା ଏହା ହିଁ ଥିଲା ଯାହାକୁ ହଜ୍‌ରତ୍ ଅବୁବକର ର:ଅ ବର୍ଣ୍ଣନା କରିଛନ୍ତି । ତେଣୁ ସମସ୍ତ ସାହାବାମାନେ ନତମସ୍ତକ ହେଲେ । ଏହା ହେଉଛି ସାହବାମାନଙ୍କର ପ୍ରଥମ ଇଜ୍‌ମା ବା ସହମତି । ହଜ୍‌ରତ୍ ଉମର୍ ର:ଅ ତ' ଏହା କହୁଥିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ପୁନଶ୍ଚ ଆସିବେ ନାହିଁ ଯଦି ଏହି ବ୍ୟାଖ୍ୟା ଓ ପ୍ରମାଣପୂର୍ଣ୍ଣ ଯୁକ୍ତି ସମ୍ପୁର୍ଣ୍ଣ ନ ଥିଲା (ଏବଂ ସମ୍ପୁର୍ଣ୍ଣ ସେତେବେଳେ ହୋଇଥାନ୍ତା ଯେତେବେଳେ କୌଣସି ପ୍ରକାରର ବ୍ୟତିକ୍ରମ ହୋଇନଥାନ୍ତା କାରଣ ଯଦି ହଜ୍‌ରତ୍ ଇଶା ର:ଅ ଜୀବନ୍ତ ଆକାଶକୁ ଚାଲିଯାଇଥିଲେ ଓ ପୁଣି ସେ ଆସିଥାନ୍ତେ, ତେବେ ଏହି ବ୍ୟାଖ୍ୟା ଓ ଯୁକ୍ତିଯୁକ୍ତ ପ୍ରମାଣ କ'ଣ ? ଏହା ତ' ଏକ ଉପହାସ ହୋଇଥାନ୍ତା) ହଜ୍‌ରତ୍ ଉମର୍ ର:ଅ ଏହାର ସ୍ୱୟମ ଖଣ୍ଡନ କରିଥାନ୍ତେ" । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪୪୦-୪୪୧)***

ହଜରତ ମସିହ ମଉଦ ଆ:ସ ଉକ୍ତ ଘଟଣାକୁ ବିଭିନ୍ନ ସ୍ଥାନରେ ବାରମ୍ବାର ବର୍ଣ୍ଣନା କରିଛନ୍ତି ତାହା ଏଥିପାଇଁ ଯେ, ସେହି ଲୋକମାନେ ଯେଉଁମାନେ ହଜ୍‌ରତ୍ ଇଶା ଆ:ସଙ୍କୁ ନିଜ ଭାବନାରେ ଆକାଶରେ ଜୀବିତ ବସାଉଛନ୍ତି ସେମାନଙ୍କ ବୁଦ୍ଧିରୁ ଏହି ଚିନ୍ତାଧାରାଟି ବାହାର କରାଯାଉ ଯେ, କୌଣସି ମାନବ ଆକାଶକୁ ଜିବୀତ ଯାଇନାହିଁ ଓ ନା ହିଁ ସେ ଆକାଶକୁ ଜୀବିତ ଯାଇପାରିବେ । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପରି ସେ ମଧ୍ୟ ମୃତ୍ୟୁବରଣ କରିସାରିଛନ୍ତି ।

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ନିଜର କାର୍ଯ୍ୟ ସକାଶେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ଶାସନରେ ତାଙ୍କ ସହିତ ଯାଉଥିଲି । ତାଙ୍କ ହସ୍ତରେ ଚାବୁକ ରହିଥିଲା ଏବଂ ମୋ ବ୍ୟତିତ ତାଙ୍କ ସାଥିରେ କେହି ନଥିଲେ । ହଜ୍‌ରତ୍ ଉମର୍ ର:ଅ ନିଜ ସହିତ କଥା ବାର୍ତ୍ତା ହେଉଥିଲେ ଏବଂ ନିଜ ପାଦର ପଛ ଭାଗକୁ ଚାବୁକ ଦ୍ୱାରା ପ୍ରହାର କରୁଥିଲେ । ହଠାତ୍ ସେ ମୋ ଆଡ଼କୁ ଚାହିଁ କହିବାକୁ ଲାଗିଲେ ଯେ, ହେ ଇବ୍‌ନେ ଅବ୍‌ବାସ କ'ଣ ତୁମେ ଏକଥା ଜାଣିଛ କି ଯେଉଁ ଦିନ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିୟୋଗ ହେଲା ମୁଁ ସେହି କଥା କାହିଁକି କହିଥିଲି (ଅର୍ଥାତ ହଜୁର ସ:ଆ:ସଙ୍କ ବିୟୋଗ ହାଇନାହିଁ ଏବଂ ଯେଉଁ ବ୍ୟକ୍ତି ଏପରି କଥା କହିବ ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିୟୋଗ କଥା କହିବ ମୁଁ ତରବାରୀ ଦ୍ୱାରା ତା'ର ସ୍କନ୍ଦିଚ୍ୟୁତ କରିଦେବି) ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କୁହନ୍ତି ଯେ, ମୁଁ କହିଲି ହେ ଅମିରୁଲ୍ ମୁମିନିନ୍ ! ମୁଁ ଜାଣିନି ଆପଣ ଭଲ ଭାବରେ ଏହା ଜାଣିଥିବେ । ହଜ୍‌ରତ୍ ଉମର୍ ର:ଅ କହିବାକୁ ଲାଗିଲେ ଯେ, ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ଏ କଥା କହିବାର କାରଣ ଏହା ଥିଲା ଯେ, ମୁଁ ଏହି ଆୟତ ପଢୁଥିଲି ଯେ, **ୱ କଜାଲିକା ଜାଅଲ୍‌ନାକୁମ୍ ଉମ୍ମତନ୍ ୱସ୍‌ତନ୍ ଲିତକୁନୁ ଶୁହଦାଆ ଅଲନ୍ ନାସି ୱ ୟକୁନର୍ ରସୁଲୁ ଆଲୈକୁମ୍ ଶହିଦା (ଅଲ୍‌ବକ୍‌ରାଃ:୧୪୪)** ଅର୍ଥାତ ଏବଂ ହେ ମୁସଲମାନମାନେ ! ଯେପରି ଆମ୍ଭେ ତୁମ୍ଭମାନଙ୍କୁ ସତ୍‌ପଥ ପ୍ରଦର୍ଶିତ କରିଅଛୁ ସେହିପରି ଆମ୍ଭେ ତୁମ୍ଭମାନଙ୍କୁ ଏକ ଉତ୍କୃଷ୍ଟ ସମ୍ପ୍ରଦାୟ ରୂପେ ଗଢ଼ିଅଛୁ । ଯଦ୍ୱାରା ତୁମେମାନେ ଅନ୍ୟ ଲୋକମାନଙ୍କର ତତ୍ୱାବଧାରକ ହେବ ଏବଂ ଏହି ରସୁଲ୍ ତମମାନଙ୍କର ତତ୍ୱାବଧାରକ ହେବେ ଏବଂ ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଭାବୁଥିଲି ଯେ, ରସୁଲୁଲ୍ଲାଃ ସ:ଆ:ସ ନିଜ ଉମ୍ମତରେ ଜୀବିତ ରହି ସେମାନଙ୍କର କର୍ମର ସାକ୍ଷୀ ରହିବେ । ଅତଏବ ଏହି କାରଣ ଯୋଗୁଁ ମୁଁ ସେଦିନ ଏପରି କଥା କହିଥିଲି । ***(ସିରତ୍ ଇବ୍‌ନେ ହୁଶାମ୍ ପୃ-୯୦୧.... ବେରୁତ ୨୦୦୧)*** ।

ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ ସମ୍ପର୍କରେ ବୁଖାରୀରେ ଯେଉଁ ଚର୍ଚ୍ଚା ମିଳେ ବା ଉଲ୍ଲେଖ ରହିଛି ତାହାକୁ ମୁଁ ପୂନର୍ବାର ବର୍ଣ୍ଣନା କରିଦେଉଛି । ତାହା ହେଉଛି ଏପରି କି, ଅନ୍‌ସାର୍‌ମାନେ ବନୀ ସାଆଦ୍‌ଙ୍କ ଘରେ ହଜ୍‌ରତ୍ ସାଆଦ୍ ବିନ୍ ଉବାଦାଙ୍କ ନିକଟରେ ଏକତ୍ରିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ଆମମାନଙ୍କ ମଧ୍ୟରୁ ଜଣେ ଅମୀର ହେଉ ଏବଂ ତୁମମାନଙ୍କ ମଧ୍ୟରୁ ଜଣେ ଅମୀର୍ ହେଉ । ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅ ତଥା ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ୍ ର:ଅ ସେମାନଙ୍କ ନିକଟକୁ ଗଲେ । ହଜ୍‌ରତ୍ ଉମର୍ ର:ଅ ଯେତେବେଳେ କହିବାକୁ ଲାଗିଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ତାଙ୍କୁ ନୀରବ ରହିବାକୁ କହିଲେ, ହଜ୍‌ରତ୍ ଉମର୍ ର:ଅ କହୁଥିଲେ ଯେ, ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ମୁଁ ଇତ୍ୟାବସରେ ଏକ ଭାଷଣ ପ୍ରସ୍ତୁତ କରିଥିଲି ସେଥିପାଇଁ ମୁଁ ସେହି ଭାଷଣକୁ ଦେବାପାଇଁ ଇଚ୍ଛା ପ୍ରକାଶ କରିଥିଲି ଯେଉଁ ଭାଷଣଟି ମତେ ବହୁତ ପସନ୍ଦ ଲାଗୁଥିଲା । କିନ୍ତୁ ମୁଁ ଭୟଭୀତ ଥିଲି ଯେ, ହଜ୍‌ରତ୍ ଅବୁବକର ର:ଅ ମୋର ଭାଷଣରେ ଏହି ଉଚ୍ଚକୋଟୀର କଳାତ୍ମକତା ପର୍ଯ୍ୟନ୍ତ ନ ପହଂଚିପାରନ୍ତୁ ଅର୍ଥାତ ହଜ୍‌ରତ ଅବୁବକର ର:ଅ ଏପରି କହିପାରିବେ ନାହିଁ । ଏହାପରେ ହଜ୍‌ରତ୍ ଅବୁବକର ର:ଅ ଭାଷଣ ଦେଲେ ଏବଂ ଏଭଳି ଭାଷଣ ଦେଲେ ଯାହାକି ତାଙ୍କ ଉଚ୍ଚ କୋଟିର କଳାତ୍ମକତା ଓ ଦକ୍ଷତା ଠାରୁ ଅଧିକ ଉଚ୍ଚତର ଥିଲା । ସେ ନିଜର ଅଭିଭାଷଣ ଦେବା ସମୟରେ କହିଲେ ଆମେ ଅମୀର ଅଟୁ ଏବଂ ତୁମେ ମନ୍ତ୍ରୀ ଅଟ । ହଜ୍‌ରତ୍ ହୁବାବ୍ ବିନ୍ ମୁନ୍‌ଜିର୍ ଯେତେବେଳେ ଉକ୍ତ କଥାକୁ ଶୁଣିଥିଲେ ସେତେବେଳେ ସେ କହିଲେ ଏହା କଦାପି ସମ୍ଭବପର ହୋଇପାରିବ ନାହିଁ । ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଏହା କଦାପି ସମ୍ଭବପର ନୁହେଁ ଆମେମାନେ ଏପରି କରିବୁନାହିଁ । ଆମମାନଙ୍କ ମଧ୍ୟରୁ ଜଣେ ଅମୀର ହେବେ ଏବଂ ତୁମମାନଙ୍କ ମଧ୍ୟରୁ ଜଣେ ଅମୀର ହେବେ । କିନ୍ତୁ ହଜରତ ଅବୁବକର ର:ଅ କହିଲେ ନା' ବରଂ ଆମେ ହେଉଛୁ ଅମୀର ଅଟୁ ଏବଂ ତୁମେମାନେ ହେଉଛ ମନ୍ତ୍ରୀ । କାରଣ କୁରୈଶ୍‌ମାନେ ସମଗ୍ର ଆରବରେ ପଦ ତଥା ମର୍ଯ୍ୟାଦାରେ ସର୍ବୋତମ ଏବଂ ସର୍ବପୁରାତନ ଆରବୀୟ ଅଟନ୍ତି । ତେଣୁ ତୁମେମାନେ ଉମର୍ ର:ଅ

କିମ୍ବା ଅବୁ ଉବୈଦା ର:ଅଙ୍କର ବୟତ କର । ହଜ୍‌ରତ୍ ଉମର୍ ର:ଅ କହିଲେ ନାଁ । ବରଂ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ ଯେ ଆମେ ତ ଆପଣଙ୍କର ବୟତ୍ କରିବୁ କାରଣ ଆପଣ ହେଉଛନ୍ତି ଆମ ସର୍ଦ୍ଦାର ଓ ଆମ ଅପେକ୍ଷା ଆପଣ ସର୍ବୋତମ ତଥା ସର୍ବକୃଷ୍ଟ ବ୍ୟକ୍ତି ଅଟନ୍ତି । ଆପଣ ଆମମାନଙ୍କ ଅପେକ୍ଷା ରସୁଲ୍ କରୀମ୍ ସ:ଆ:ସଙ୍କର ଅତି ପ୍ରୀୟ ବ୍ୟକ୍ତି ଥିଲେ । ଏହା କହି ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କର ହସ୍ତ ଧରିଲେ ଏବଂ ତାଙ୍କ ହସ୍ତରେ ବୟତ କଲେ ଏବଂ ଲୋକମାନେ ମଧ ହଜ୍‌ରତ୍ ଅବୁବକର ର:ଅଙ୍କ ହସ୍ତରେ ବୟତ କଲେ ।

***(ସହି ବୁଖାରୀ.....ହଦିସ୍ ୩୬୬୮)***

ଯେବେ ହଜ୍‌ରତ୍ ଉମର୍ ର:ଅ ହଜରତ ଅବୁବକର ର:ଅଙ୍କ ହାତକୁ ଧରିଦେଲେ ଓ କହିଲେ ଯେ, ଆମର ବୟତ ନିଅନ୍ତ ଏବଂ ଏହା କହି ସଙ୍ଗେ ସଙ୍ଗେ ହଜ୍‌ରତ୍ ଉମର୍ ହଜ୍‌ତର୍ ଅବୁବକର ର:ଅଙ୍କର ବୟତ କରିନେଲେ ଓ କହିଲେ ଯେ, ହେ ଅବୁବକର ! ଆପଣ ର:ଅଙ୍କ ଆଁ ହଜ୍‌ରତ୍ ସ:ଆ:ସ ଆଦେଶ ଦେଇଥିଲେ ଯେ ଆପଣ ନମାଜ ପଢ଼ାଇବେ ଅତଏବ ଆପଣ ହିଁ ଅଲ୍ଲାଃ ତାଲାଙ୍କର ଖଲିଫା ଅଟନ୍ତି । ଆମେମାନେ ଆପଣ ର:ଅଙ୍କ ହସ୍ତରେ ଏଥିପାଇଁ ବୟତ କରୁଛୁ ଯେ, ଆପଣ ହିଁ ଆଁ ହଜ୍‌ରତ୍ ସ:ଆ:ସଙ୍କର ଅତି ପ୍ରୀୟ ବ୍ୟକ୍ତି ଥିଲେ ।

ଧର୍ମରୁ ଓହରି ଯାଇଥିବା ବ୍ୟକ୍ତିମାନଙ୍କର ଉପଦ୍ରବ ଓ ବିଭ୍ରାଟ ସମ୍ପର୍କରେ ସିରତ୍ ଇବ୍‌ନେ ହୁଶାମ୍‌ରେ ଉଲ୍ଲେଖ ରହିଛି ଯେ, ଯେତେବଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଅକାଳ ବିୟୋଗ ହେଲା ସେତେବେଳେ ମୁସଲମାନମାନଙ୍କର ଦୁର୍ଦ୍ଦିନ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ଇବ୍‌ନେ ଇସ୍‌ହାକ୍ ଏହା କହିଛନ୍ତି ଯେ, ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ମୁଁ ଏହି ବର୍ଣ୍ଣନାଟି ଶୁଣିଥିଲି ହଜ୍‌ରତ୍ ଆଇଶା ର:ଅ କହିଛନ୍ତି ଯେ, ନବୀ କରିମ୍ ସ:ଆ:ସଙ୍କର ଯେତେବେଳେ ଦେହାନ୍ତ ହେଲା ସେତେବେଳେ ଆରବୀୟମାନେ ଧର୍ମରୁ ଓହରି ଯାଇଥିଲେ ଏବଂ ଇହୁଦୀ ଓ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ମୁଣ୍ଡ ଟେକିଲେ ଏବଂ ନଫାକ୍ ଅର୍ଥାତ କପଟତା ପ୍ରକାଶ ହୋଇଗଲା । ***(ସିରତ୍ ଇବ୍‌ନେ ହୁଶାମ୍ ପୃ-୯୦୩.... ବେରୁତ ୨୦୦୧)*** ।

ହଜ୍‌ରତ୍ ଅବୁ ହୁରୈରା ର:ଅ କୁହନ୍ତି ଯେ, ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଅକାଳ ବିୟୋଗ ହେଲା ଏବଂ ହଜ୍‌ରତ୍ ଅବୁବକର ର:ଅ ଖଲିଫା ରୂପେ ନିର୍ବାଚିତ ହେଲେ ସେତେବେଳେ ଆରବୀୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଧର୍ମରୁ ଓହରିବା ପାଇଁ ଇଚ୍ଛୁକ ଥିଲେ ସେମାନେ ଧର୍ମରୁ ଓହରିଗଲେ । ଅତଏବ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ ଯେ, ହେ ଅବୁବକର ର:ଅ ଆପଣ ଲୋକମାନଙ୍କ ସହିତ କିପରି ଲଢ଼ିବେ । ଯେବେକି ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ ମତେ ନିର୍ଦ୍ଦେଶ ଦିଆଯାଇଅଛି ଯେ ସେମାନଙ୍କ ସହିତ ଯୁଦ୍ଧ କରିବି ଏପରି କି ସେମାନେ **ଲା ଇଲାହା ଇଲ୍ଲଲ୍ଲାହୁ** କହିବେ । ଅର୍ଥାତ ଯିଏ ଏହା ସ୍ୱୀକାର କରିବ ତାହା ସହିତ ଯୁଦ୍ଧ କରିବି ନାହିଁ । ହଜରତ ଅବୁବକର ର:ଅ କହିଲେ, ମୁଁ ସେପର୍ଯ୍ୟନ୍ତ ସେମାନଙ୍କ ସହିତ ଲଢ଼ିବି ଯେପର୍ଯ୍ୟନ୍ତ ସେମାନେ **ଲା ଇଲାହା ଇଲ୍ଲଲ୍ଲାହୁ** ସ୍ୱୀକାରୋକ୍ତି ପ୍ରକାଶ କରିନାହାନ୍ତି । ଅର୍ଥାତ ଏହାର ସ୍ୱୀକାରୋକ୍ତି ପ୍ରକାଶକାରୀଙ୍କ ସହିତ ମୁଁ ଲଢ଼ିବି ନାହିଁ ଏବଂ ଯିଏ ଏପରି ସ୍ୱିକାରୋକ୍ତି ପ୍ରକାଶ କରିବେ ସେ ମୋଠାରୁ ନିଜର ଧନଜୀବନକୁ ସୁରକ୍ଷିତ କରିନେବେ ଏବଂ ନିରାପଦ ଜୀବନ ଯାପନ କରିବେ । କିନ୍ତୁ ତହିଁରେ ନ୍ୟାୟ ପକ୍ଷ ରହିଥିବା ଉଚିତ ଏବଂ ଏହାର ବିଚାର ଅଲ୍ଲାଃ ତାଲାଙ୍କ ଉପରେ ନ୍ୟସ୍ତ ରହିଛି ବା ନିର୍ଭର କରେ । ହଜରତ ଅବୁବକର କହିଲେ, ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ଯେ, ଯେଉଁ ବ୍ୟକ୍ତି ନମାଜ, ରୋଜା, ଜକାତ୍ ମଧ୍ୟରେ ଅନ୍ତର ବା ପାର୍ଥକ୍ୟ କରିବ ମୁଁ ତାହା ସହିତ ଲଢ଼ିବି କାରଣ ଜକାତ୍ ସାଶ୍ୱତ ଓ ସ୍ୱଧର୍ମୀୟ ଧନ ଏବଂ ଦାନ ଅଟେ ଏବଂ ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ଯଦି ସେମାନେ ପଶୁର ଆଣ୍ଠୁକୁ ବାନ୍ଧିବାପାଇଁ ବ୍ୟବହୃତ ହେଉଥିବା ଦଉଡ଼ି ଦେବାକୁ ଅସ୍ୱୀକାର କରନ୍ତି, ଯେଉଁ ଦଉଡ଼ିକୁ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦେଉଥିଲେ, ତେବେ ମୁଁ ସେହି ଲୋକମାନଙ୍କ ସହିତ ଯୁଦ୍ଧ କରିବି । ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ କହନ୍ତି ଯେ, ଅଲ୍ଲାଃ ତାଲା ହଜ୍‌ରତ୍ ଅବୁବକର ର:ଅଙ୍କୁ ଯୁଦ୍ଧ କରିବା ସକାଶେ ନିଜର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି । ଅତଏବ ମୁଁ ଏହା ବୁଝିନେଲି ଯେ, ଏହା ନ୍ୟାୟ ଓ ସତ୍ୟ ଅଟେ । ***(ସହି ବୁଖାରୀ... ହଦିସ୍-୭୨୮୪, ୭୨୮୫)***

ହଜରତ ଉସାମା ବିନ୍ ଜୈଦ୍ ର:ଅଙ୍କ ସୈନ୍ୟଦଳ ଯୁଦ୍ଧ କରିବା ପାଇଁ ବାହାରୁଥିବା ସମୟରେ ହଜରତ ଅବୁବକର ର:ଅ ଉସାମା ବିନ୍ ଜୈଦ୍ ର:ଅଙ୍କୁ କେତେକ ନିର୍ଦ୍ଦେଶାବଳୀ ଦେଇଥିଲେ, ହଜ୍‌ରତ୍ ଉସାମା ଅଶ୍ୱ ଉପରେ ଆରୋହଣ ହୋଇଥିଲେ ଏବଂ ହଜରତ ଅବୁବକର ର:ଅ ତାଙ୍କ ସହିତ ପାଦରେ ଚାଲି ଚାଲି ଯାଉଥିଲେ ହଜରତ ଉସାମା ହଜରତ ଅବୁବକର ର:ଅଙ୍କୁ ଅଶ୍ୱ ଉପରେ ଆରୋହଣ ହେବା ପାଇଁ ଆକୁଳ ନିବେଦନ କଲେ ଏବଂ କହିଲେ, ହେ ଅବୁବକର ର:ଅ ! ଆପଣ ଯଦି ଅଶ୍ୱ ଉପରେ ଆରୋହଣ ନ ହେବେ ତା'ହେଲେ ମୁଁ ବି ବାହାନ ତଳକୁ ଓହ୍ଲାଇ ଯିବି । ହଜରତ ଅବୁବକର ର:ଅ କହିଲେ ଯେ, ତୁମେ ଓହ୍ଲାଅ ନାହିଁ ଏବଂ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯେ ମୁଁ ବାହନ ଉପରେ ଆରେହଣ ହେବିନାହିଁ । ମୋର କ'ଣ ହେଉଛି ଯେ ମୁଁ ଅଲ୍ଲାଃଙ୍କ ମାର୍ଗରେ ନିଜର ପାଦକୁ କିଛି ସମୟ ପାଇଁ ବାଟ ଚଲାଇ ପାରିବିନାହିଁ ଏବଂ ମୁଁ ପାଦରେ ଟିକିଏ ଧୂଳି ଲଗାଇପାରିବିନାହିଁ ? କାରଣ ଜଣେ ଯୋଦ୍ଧାର ପ୍ରତ୍ୟେକ ପାଦ ନିକ୍ଷେପ ବଦଳରେ ୭ଶହ ଗୁଣା ପୂଣ୍ୟ ଲେଖାଯାଇଥାଏ ଏବଂ ତତ୍‌ସହିତ ସାତଥର ଉନ୍ନତି ହୋଇଥାଏ । ତା'ର ସମସ୍ତ ପାପ ନାଶ ହୋଇଥାଏ । ହଜ୍‌ରତ୍ ଉସାମା ବିନ୍ ଜୈଦ୍ ର:ଅଙ୍କୁ ହଜରତ ଅବୁବକର ର:ଅଙ୍କ ଉପଦେଶ ଦେବାପାରେ ହଜରତ ଅବୁବକର ର:ଅ କହିଲେ ଯେ, ହେ ଉସାମା ! ଯଦି ତୁ ମତେ ସାହାଯ୍ୟ କରିବାକୁ ଚାହୁଁଛ ତାହେଲେ ହଜ୍‌ରତ୍ ଉମର୍ ର:ଅଙ୍କ ମାଧ୍ୟମରେ ମତେ ସାହାଯ୍ୟ କର । ଅର୍ଥାତ ହଜ୍‌ରତ୍ ଉମର୍ ର:ଅକୁ ମୋ ନିକଟରେ ରହିବାକୁ ଦିଅ । ଅତଏବ ହଜରତ ଅବୁବକର ର:ଅ ହଜରତ ଉସାମା ବିନ୍ ଜୈଦ୍ ର:ଅଙ୍କ ନିକଟରୁ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ ପାଖରେ ରହିବାକୁ ଅନୁମତି ଚାହିଁଲେ ବା ଲୋଡ଼ିଲେ । କାରଣ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଉକ୍ତ ସୈନ୍ୟଦଳରେ ସାମିଲ କରିଥିଲେ । ଅତଏବ ହଜରତ ଉସାମା ବିନ୍ ଜୈଦ୍ ର:ଅ ଆପଣ ର:ଅଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରିଦେଇଥିଲେ ।

***(ତାରିଖେ ତିବ୍‌ରି ଖଣ୍ଡ-୨, ପୃ-୨୪୬....ବେରୁତ ୧୯୮୭)***

ହଜରତ ଅବୁବକର ର:ଅଙ୍କ କାଳରେ ୟମାମା ଯୁଦ୍ଧରେ ୭୦ ଜଣ କୁର୍‌ଆନ୍ ମୁଖସ୍ତ କରିଥିବା ହାଫିଜ୍ ସାହାବା ବା କାରୀ ଶହୀଦ ହୋଇଥଲେ । ଅତଏବ ଏ ସଂକ୍ରାନ୍ତରେ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି ଯେ, ହଜରତ ଅବୁବକର ର:ଅ ଯେତେବେଳେ ମତେ ଡ଼ାକିଲେ ଯେ, ୟମାମା ଯୁଦ୍ଧରେ ହୁଫ୍‌ଫାଜ୍‌ମାନଙ୍କୁ ଶହୀଦ୍ କରି ଦିଆଯାଇଅଛି, ସେତେବେଳେ ତାଙ୍କ ନିକଟରେ ହଜ୍‌ରତ୍ ଉମର୍ ର:ଅ ଥିଲେ ଅତଏବ ହଜ୍‌ରତ୍ ଅବୁବକର ର:ଅ କହିଲେ ଉମର୍ ମୋ ନିକଟକୁ ଆସିଛନ୍ତି ଏବଂ ସେ କହିଲେ ଯେ ୟମାମା ଯୁଦ୍ଧରେ ଅନେକ ଲୋକମାନେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଛନ୍ତି ଏବଂ ମୁଁ ଆଶଙ୍କା କରୁଛି ଯେ, ୟମାମା ଯୁଦ୍ଧ ପରି ଅନ୍ୟ ଯୁଦ୍ଧରେ କାରି ଅର୍ଥାତ ପବିତ୍ର କୁର୍‌ଆନ୍‌ର ମୁଖସ୍ତକାରୀ ସାହାବାମାନଙ୍କୁ ମାରି ନ ଦିଆଯାଉ । ଯଦି ଏପରି ହୁଏ ତାହେଲେ ପବିତ୍ର କୁର୍‌ଆନ୍ କରୀମ୍‌ର ବହୁତ ଅଂଶ ନଷ୍ଟ ହୋଇଯିବ କେବଳ ଏହା ବ୍ୟତୀତ ଯେ ପବିତ୍ର କୁର୍‌ଆନ୍‌କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିଦିଅନ୍ତି ଏବଂ ମୋର ଆପଣଙ୍କୁ ଏହି ମତ ଓ ଅନୁରୋଧ କି ଆପଣ ପବିତ୍ର କୁର୍‌ଆନ୍‌କୁ ଗୋଟିଏ ସ୍ଥାନରେ ହିଁ ଏକତ୍ରିତ କରିଦିଅନ୍ତୁ । ହଜରତ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ ଯେ, ଯେଉଁ କଥା ରସୁଲୁଲ୍ଲାଃ ସ:ଆ:ସ କରିନାହାନ୍ତି ତାହା ମୁଁ କିପରି କରିପାରିବି ? ହଜ୍‌ରତ୍ ଉମର୍ ର:ଅ କହିଲେ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଆପଣଙ୍କର ଏହି କାର୍ଯ୍ୟଟି ଅତ୍ୟନ୍ତ ଉତମ ଓ ପ୍ରଶଂସା ଯୋଗ୍ୟ ଅଟେ । ହଜ୍‌ରତ୍ ଉମର୍ ର:ଅ ମତେ ବାରମ୍ବାର ଏହା କହୁଥିଲେ ଏପରି କି ଅଲ୍ଲାଃ ତାଲା ଏଥିପ୍ରତି ମୋ ହୃଦୟକୁ ଉନ୍ମୁକ୍ତ କରିଦେଲେ । ବର୍ତମାନ ମୁଁ ତାହାକୁ ହିଁ ଉଚିତ ବୋଲି ମନେ କରୁଛି ଯାହାକୁ ହଜ୍‌ରତ୍ ଉମର୍ ର:ଅ ଉଚିତ ବୋଲି ମନେ କରନ୍ତି । ହଜରତ ଜୈଦ୍ ବିନ୍ ସାବିତ କହୁଛନ୍ତି ସେ ସମୟରେ ହଜ୍‌ରତ୍ ଉମର୍ ତାଙ୍କ ନିକଟରେ ବସିଥିଲେ ଏବଂ ନୀରବ ଥିଲେ, କଥା କହୁନଥିଲେ । ପୁନଶ୍ଚ ହଜରତ ଅବୁବକର ର:ଅ କହିଲେ, ତୁମେ ଯୁବକ ଓ ବୁଦ୍ଧିମାନ ବ୍ୟକ୍ତି ଅଟ ଏବଂ ଆମମାନେ ତୁମପ୍ରତି କୁଧାରଣା ସୃଷ୍ଟି କରିପାରିବୁ ନାହିଁ । କାରଣ ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସକାଶେ ପବିତ୍ର କୁର୍‌ଆନ୍ କରିମ୍‌ର ଐଶିବାଣୀ ଲେଖୁଥିଲ ତେଣୁ ତୁମେ ପବିତ୍ର କୁର୍‌ଆନ୍ କରୀମ୍ ଯେଉଁଠି ବି ରହିଛି ତାହା ତୁମେ ଖୋଜ ଏବଂ ଏହାକୁ ନେଇ ଗୋଟିଏ ସ୍ଥାନରେ ଏକତ୍ରିତ କରିଦିଅ । ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ କୁହନ୍ତି ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯଦି ହଜରତ ଅବୁବକର ର:ଅ ମତେ ପର୍ବତ ମଧ୍ୟରୁ କୌଣସି ଏକ ପର୍ବତକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିବାପାଇଁ ମତେ ସାମର୍ଥ୍ୟ ତଥା ଅଗ୍ରାଧିକାରୀ ବା ଅନୁମତି ପ୍ରଦାନ କରନ୍ତି ତାହେଲେ ଏହି କାର୍ଯ୍ୟଟି ମୋ ପାଇଁ ସେତେ କଷ୍ଟ ଦାୟକ ହୋଇନଥାନ୍ତା ଯେପରି ପବିତ୍ର କୁର୍‌ଆନ୍ କରୀମ୍ ଏକତ୍ରିତ କରିବାର କାର୍ଯ୍ୟ ମୋ ପକ୍ଷେ କଷ୍ଟଦାୟକ ଥିଲା । ମୁଁ କହିଲି ଆପଣ ଦୁହେଁ ସେହି କାର୍ଯ୍ୟକୁ କିପରି କରୁଛନ୍ତି ଯେଉଁ କାର୍ଯ୍ୟକୁ ନବୀ କରିମ୍ ସ:ଆ:ସ କରିନାହାନ୍ତି ? ହଜରତ ଅବୁବକର ର:ଅ କହିଲେ, ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ସେହି କାର୍ଯ୍ୟଟି ଅତ୍ୟନ୍ତ ଉତମ ଅଟେ । ମୁଁ ତାଙ୍କୁ ବାରମ୍ବାର କହୁଥିଲି କି ଏପରି ଅଲ୍ଲାଃ ତାଲା ମୋର ହୃଦୟକୁ ଉକ୍ତ କାର୍ଯ୍ୟପାଇଁ ଉନ୍ମୁକ୍ତ କରିଦେଲେ ଯେଉଁ କାର୍ଯ୍ୟ ପାଇଁ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ହୃଦୟକୁ ଉନ୍ମୁକ୍ତ କରିଥିଲେ ଅତଏବ ମୁଁ ଛିଡ଼ା ହେଲି ଏବଂ ପବିତ୍ର କୁର୍‌ଆନ୍ କରୀମ୍ ଖୋଜିବାକୁ ଲାଗିଲି । ତାହାର ଲେଖାଗୁଡ଼ିକୁ ଚମଡ଼ା ଛାଲ ଉପରେ, କାନ୍ଧର ହାଡ଼ ଉପେ. ଖଜୁରୀ ଶାଖା ଉପରେ ଏବଂ ଲୋକମାନଙ୍କ ହୃଦୟରୁ ଆଣି (ଅର୍ଥାତ ହୁଫ୍‌ଫାଜ୍‌ମାନଙ୍କଠାରୁ) ଆଣି ଏକତ୍ରିତ କରିବାକୁ ଲାଗିଲି । ଏପରି କି ମୁଁ ସୁରାଃ ତୌବାର ଦୁଇଟି ଆୟତ ହଜ୍‌ରତ୍ ହୁଜୈମା ଅନ୍‌ସାରୀଙ୍କଠାରୁ ପାଇଥିଲି । ତାହା ତାଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରେ ମତେ ମିଳିନଥିଲା । ସେହି ଆୟତଗୁଡ଼ିକ ହେଲା **ଲକଦ୍ ଜାଆକୁମ୍ ରସୁଲୁମ୍ ମିନ୍ ଅନ୍‌ଫୁସିକୁମ୍ ଅଜିଜୁନ୍ ଆଲୈହେ ମା ଅନିତ୍‌ତୁମ୍ ହରିସୁନ୍ ଆଲୈକୁମ୍ ବିଲ୍‌ମୁମିନିନା ରଉଫୁର୍ ରହିମ୍ (ତୌବାଃ:୧୨୮)** ଅର୍ଥାତ ହେ ଅବିଶ୍ୱାସକାରୀମାନେ ତୁମମାନଙ୍କ ସମ୍ପ୍ରଦାୟରୁ

ତୁମମାନଙ୍କ ନିକଟରୁ ଜଣେ ବ୍ୟକ୍ତି ରସୁଲ୍ ହୋଇ ଆସିଛନ୍ତି ତୁମମାନଙ୍କ ବିପଦଗ୍ରସ୍ତ ହେବା ତାହାଙ୍କ ପକ୍ଷରେ ଅସହ୍ୟ ଏବଂ ତୁମମାନଙ୍କର ହିତ ପାଇଁ ବ୍ୟଗ୍ର ଏବଂ ବିଶ୍ୱାସକାରୀମାନଙ୍କ ପ୍ରତି ଅତ୍ୟନ୍ତ ଦୟାଶୀଳ ସଦା କରୁଣାମୟ । ହଦିସ୍‌ରୁ ଦୁଇଟି ଆୟତ ମଧ୍ୟରୁ କେବଳ ଏହି ଗୋଟିଏ ଆୟତର ଉଲ୍ଲେଖ ବା ଚର୍ଚ୍ଚା ରହିଛି ସମ୍ଭବତଃ ପରବର୍ତୀ ଆୟତ ମଧ୍ୟ ଉଲ୍ଲେଖିତ ରହିଥାଇପାରେ ।

ପୁନଶ୍ଚ ହଦିସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସେହି କାଗଜ ପୃଷ୍ଠାଗୁଡ଼ିକ ଯାହା ଉପରେ ପବିତ୍ର କୁର୍‌ଆନ୍ କରୀମକୁ ଏକତ୍ରିତ କରାଯାଇଥିଲା ତାହା ହଜରତ ଅବୁବକର ର:ଙ୍କ ନିକଟରେ ରହିଥିଲା । ଯେପର୍ଯ୍ୟନ୍ତ କି ଅଲ୍ଲାଃ ତାଲା ତାଙ୍କୁ ମୃତ୍ୟୁ ପ୍ରଦାନ କରିଥିଲେ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଉକ୍ତ ଅଭିଲେଖଟି ରହିଥିଲା ଏପରି କି ଅଲ୍ଲାଃ ତାଲା ହଜ୍‌ରତ୍ ଉମର୍ ର:ଅଙ୍କୁ ମଧ୍ୟ ମୃତ୍ୟୁ ପ୍ରଦାନ କରିଥିଲେ ପୁନଶ୍ଚ ହଫ୍‌ସା ବିନ୍‌ତ୍ ଉମର ର:ଅଙ୍କ ନିକଟରେ ରହିଲା ତା'ପରେ ତାଙ୍କଠାରୁ ଉକ୍ତ ମୂଳ ପାଣ୍ଡୁଲିପି ବା ଅଭିଲେଖଟି ହଜରତ ଉସ୍‌ମାନ୍ ର:ଅ ନେଇ ଯାଇଥିଲେ । ***(ସହି ବୁଖାରୀ କିତାବୁଲ୍ ତଫ୍‌ସୀର୍.... ହଦିସ୍ ୪୬୭୯)***

ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି । ଏହାର ଅବିଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆଗାମୀ ଖୁତ୍‌ବାରେ ଆଲୋଚନା ହେବ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ପଡ଼ୋଶୀମାନଙ୍କୁ ଅସୁବିଧା ସମୟରେ ସାହାଯ୍ୟ କରୁଛୁ । ଆଜିର ଦିନଟି ମତେ ବହୁତ ଖୁସି ଅନୁଭବ ହେଉଛି ତେଣୁ ମତେ କୃତଜ୍ଞତା ଜ୍ଞାପନ କରିବାକୁ ହେବ । ଶୁଭେଚ୍ଛା ମଧ୍ୟ ଜଣାଇବାକୁ ହେବ ଯେ, ଏତେ ସୁନ୍ଦର ମସ୍‌ଜିଦ୍‌ଟିଏ ଆମ ନିକଟରେ ତିଆରି ହୋଇଛି । ଆଜିର ଦିନଟି ମୋ ପାଇଁ ଓ ମୋ ପତ୍ନୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଦିନ ଅଟେ । କାରଣ ପ୍ରଥମ ଦିନଠାରୁ ହିଁ ଆମେ ଏହି ପ୍ରୋଶେସ୍‌ରେ ସାମିଲ ହେଇଅଛୁ ।

ତା'ପରେ Susanne Hahn ସାହିବା ଯିଏ ଗୋଟିଏ Evangelical Lutheran ଚର୍ଚ୍ଚର ପାଦ୍ରୀ ଅଟନ୍ତି, ସେ ନିଜର ଅଭିଭାଷଣ ପ୍ରଦାନ କଲେ । ସେ ମହାଶୟା ସର୍ବପ୍ରଥମେ ହଜୁର ଅନୱର ଅ:ବ:ଅ ଏବଂ ସମସ୍ତ ଉପସ୍ଥିତ ଶ୍ରୋତାମାନଙ୍କୁ ସଲାମ୍ କଲେ ଏବଂ ତତ୍‌ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନୀ ପ୍ରସଙ୍ଗରେ ମୁବାରକ ବାଦ୍ (ଶୁଭେଚ୍ଛା) ପ୍ରଦାନ କଲେ ।

ସେ ମହାଶୟା କହିଲେ ଯେ, ମସ୍‌ଜିଦ୍‌ର ଆରମ୍ଭରୁ ଏହାର ଉଦ୍‌ଘାଟନୀ ଉତ୍ସବ ପର୍ଯ୍ୟନ୍ତ ଅତ୍ୟନ୍ତ ଲମ୍ବା ପ୍ରସେସ୍ ଥିଲା । ମତେ ଏଠାରେ ପାଂଚବର୍ଷ ହେବ ଜଣେ ପାଦ୍ରୀ ହିସାବରେ କାମ କରିବାର ଅବସର ମିଳୁଅଛି । ପ୍ରତ୍ୟେକ ବର୍ଷ ଆମେ ଅହେମଦିୟା ମୁସ୍‌ଲିମ୍ ଜମାତ୍ ନିକଟକୁ ନିଜର ଯୁବକମାନଙ୍କୁ ସାଥିରେ ଧରି ଆସୁଅଛୁ । ଏପରି ଏକ ଅବସର ମିଳୁଥାଏ ଯେ, ନିଜ ଧର୍ମ ଠାରୁ ଅଲଗା ଅନ୍ୟ ଧର୍ମ ସମ୍ବନ୍ଧରେ ଆମକୁ ଜ୍ଞାନ ପ୍ରାପ୍ତ ହେବ । ଆପଣମାନେ ସର୍ବଦା ଆମ ସମସ୍ତଙ୍କ ସହିତ ପ୍ରେମ ଓ ସ୍ନେହର ସହିତ ମିଳିଥାନ୍ତି ଏବଂ ଆମକୁ ସ୍ୱାଗତ ମଧ୍ୟ କରିଥାନ୍ତି । ଯୁବକମାନଙ୍କୁ ଆପଣମାନେ ଏ ମୌକା ଦିଅନ୍ତି ଯେ, ସେମାନେ ନିଜର ସମସ୍ତ ପ୍ରଶ୍ନ ଆପଣଙ୍କ କରିପାରିବେ । ଯୁବକମାନଙ୍କୁ ନିଜର ଉପାସନାର ଶୈଳୀ ଓ ପଦ୍ଧତି ଦେଖାଇଥାନ୍ତି ଯାହା ସେମାନଙ୍କୁ ବହୁତ ପ୍ରଭାବିତ ମଧ୍ୟ କରିଥାଏ ।

ପୁଣି ସେ କହିଲେ ଯେ, ଆଜିର ଯୁଗରେ ଈଶ୍ୱରଙ୍କର ଘର ଓ ଉପାସନା ପୀଠ ତିଆରି କରିବା ବହୁତ ଭଲ ଲକ୍ଷଣ । ଈଶ୍ୱରଙ୍କର ଏପରି ଘର ଯେଉଁଠି ସମସ୍ତେ ଏକାଠି ହୋଇପାରିବେ ଓ ପରସ୍ପର ମଧ୍ୟରେ ବାର୍ତାଳାପ କରିପାରିବେ ଓ ତତ୍‌ସହିତ ଉପାସନା କରିବା ପାଇଁ ମଧ୍ୟ ସ୍ଥାନ ରହିଛି । ଆମେ ସମସ୍ତେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରୁଛେ । ଏକ ଈଶ୍ୱର ଯିଏ ଆମକୁ ଆମ ଜୀବନ ପ୍ରଦାନ କରିଛନ୍ତି ଓ ଆମର ସୁରକ୍ଷା ମଧ୍ୟ କରୁଛନ୍ତି । ଅବସ୍ୟ ବିଭିନ୍ନ ଶୈଳୀରେ ଆମେମାନେ ଏହାର ପରିପ୍ରକାଶ କରିଥାଉ କିନ୍ତୁ ଏହା ସତ୍ୱେ ମଧ୍ୟ ଆମେ ମିଳିମିଶି ଏହାର ପ୍ରଚାର ପ୍ରସାର କରିଥାଉ ଏବଂ ଏକଥା ଆଜିର ଯୁଗରେ ଅତ୍ୟନ୍ତ ଜରୁରୀ ବିଷୟ । ଏହା ମଧ୍ୟ ଜରୁରୀ ଅଟେ ଯେ, ଆମେ ସମସ୍ତେ ଘୃଣାଭାବ ବିରୁଦ୍ଧରେ ନିଜର ସ୍ୱର ଉତୋଳନ କରିବା । ଏହି ମସ୍‌ଜିଦ୍‌ଟି ସେ ସମସ୍ତ ଲୋକମାନଙ୍କ ପାଇଁ ବାବର୍‌କତ୍ ହେଉ ଯେଉଁମାନେ ଏଠାକୁ ଆସୁଛନ୍ତି ।

ଶେଷରେ ସେ ମହାଶୟା କହିଲେ ଯେ, ଆମର କାର୍ଯ୍ୟ ହେଉଛି ବର୍ତମାନ ଏହା କି, ଆମେ ଜଣେ ଅନ୍ୟ ଜଣଙ୍କର ସମ୍ମାନ କରିବା ଏବଂ ଏକଥା ସର୍ବଦା ନିଜ ଆଖି ଆଗରେ ରଖନ୍ତୁ ଯେ, ଆମେ ହେଉଛେ ଈଶ୍ୱରଙ୍କର ଭକ୍ତ ଏବଂ ସେ ହିଁ ଆମର ସୃଷ୍ଟିକର୍ତା ।

ତା'ପରେ Elkechristina Roder Sb ଯିଏ Norderstedt ର ଲର୍ଡ଼ ମେୟର ଅଛନ୍ତି, ସେ ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ସର୍ବ ପ୍ରଥମେ ହଜୁର ଅନୱର ଅ:ବ:ଅ ଓ ଉପସ୍ଥିତ ଶ୍ରୋତାଙ୍କୁ ସଲାମ୍ କଲେ । ଏବଂ ତତ୍‌ସହିତ ଏହି ପ୍ରୋଗ୍ରାମକୁ ତାଙ୍କୁ ଡ଼କାଯାଇଥିବାରୁ କୃତଜ୍ଞତା ଜ୍ଞାପନ କଲେ । ସେହିଭଳି Norderstedt ସହର ତରଫରୁ ସଲାମ୍ ପେଶ୍ କଲେ ଏବଂ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଯୋଗୁଁ ଶୁଭେଚ୍ଛା ଜଣାଇଲେ । ସେ ମହାଶୟା କହିଲେ ଯେ, ଅନେକ ବର୍ଷ ହେବ ଆପଣମାନେ ନିଜର ସମୟ ଏହି କାମ ପାଇଁ ଖର୍ଚ୍ଚ କରିଛନ୍ତି ଯେ, ଆପଣମାନଙ୍କର ଏହି ମସ୍‌ଜିଦ୍‌ଟି ଏଠାରେ ଭଲ ଭାବରେ ତିଆରି ହୋଇଯାଉ । ଆପଣମାନଙ୍କର ବହୁତ ସଦସ୍ୟ ଏହି ଉଦ୍ଦେଶ୍ୟ ପାଇଁ କଠିନ ପରିଶ୍ରମ କରିଛନ୍ତି । ଯଦ୍ୱାରା ଏଠାରେ ଏହି ମସ୍‌ଜିଦ୍ ସ୍ଥାପନ ହୋଇପାରିବ । ନିଶ୍ଚିତ ରୂପେ ଏଥିରେ Norderstedt ର ଅଧିବାସୀମାନେ ମଧ୍ୟ ସାମିଲ ଥିଲେ । ଆପଣ ସମସ୍ତେ ଏହି ଦିନର ଅପେକ୍ଷାରେ ଥିଲେ ।

ପୁଣି ସେ ମହାଶୟା କହିଲେ, ଜର୍ମାନୀରେ ଗୋଟିଏ ଉପବାଦ୍ୟ ରହିଛି ଯେ, ଯେଉଁ ଜିନିଷ ତିଆରି ହେବାପାଇଁ ଅଧିକ ସମୟ ନିଏ ତାହା ନିଶ୍ଚିତ ରୂପେ ଭଲଭାବରେ ତିଆରି ହୋଇଥାଏ । ସୁତରାଂ ମୋର ଏ ଆନ୍ତରିକ ଇଚ୍ଛା ଯେ, ଏହି ମସ୍‌ଜିଦ୍ ଏବେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ପାଇଁ ବହୁତ ଭଲ ପ୍ରମାଣିତ ହେବ । ଏହି ମସ୍‌ଜିଦ୍ ହେଉଛି ସେହି ଉପାସନା ପୀଠ ଯାହାକୁ ଆପଣମାନେ ଇଚ୍ଛା ପ୍ରକାଶ କରିଥିଲେ । ଏହି ମସ୍‌ଜିଦ୍ ଈଶ୍ୱର ଭୟ ଏବଂ ଆଧାତ୍ମିକ ପରିବେଶ ସୃଷ୍ଟିକାରୀ ହେଉ । ଏଠାରୁ ସର୍ବଦା ଶାନ୍ତିର ପ୍ରଚାର ପ୍ରସାର ହେଉ ।

ପୁଣି ସେ କହିଲେ ଯେ, ବହୁ ବର୍ଷ ହେବ ଆପଣମାନେ ଆମ ସମାଜରେ ସାମିଲ ହୋଇ ଏହାର ଅଂଶ ବିଶେଷ ହୋଇଛନ୍ତି ଓ ଏହାକୁ ଲାଭ ମଧ୍ୟ ପହଂଚାଉଛନ୍ତି । ଆଜିକାଲିର ଯୁଗରେ କିଛି ଏପରି ରାଜନୈତିଜ୍ଞ ଓ କଠୋରପନ୍ଥୀ ଧାର୍ମିକ ନେତା ମିଳିଥାନ୍ତି, ଯେଉଁମାନେ ଏ ଚେଷ୍ଟାରେ ଲାଗିଥାନ୍ତି ଯେ, କିପରି ବିଭ୍ରାଟ ସୃଷ୍ଟି କରିବେ ଓ କିଭଳି ସମାଜର ଏକତାକୁ ଭଙ୍ଗ କରିବେ ଏବଂ ଘୃଣା ଭାବକୁ ବଢ଼ାଇ ଚାଲିବେ । ଆମର କର୍ତବ୍ୟ ହେଉଛି ଏହା କି, ଏକଥା ସାରା ସଂସାର

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

ଉପରେ ସ୍ପଷ୍ଟ କରିଦିଅନ୍ତୁ ଯେ, ପ୍ରତ୍ୟେକ ଧର୍ମ, ପ୍ରତ୍ୟେକ ସଂସ୍କୃତିର ଲୋକମାନେ ଏଠାରେ ଯଦି ଶାନ୍ତିରେ ରହିବାକୁ ଚାହିଁବେ ତେବେ ଆମ ସହିତ ରହିପାରିବେ । ପ୍ରେମ, ସ୍ନେହ ଏବଂ ଜଣେ ଅନ୍ୟଜଣକୁ ସମ୍ମାନ ଦେଖାଇବାର ମୂଳକଥା ଫଳତଃ ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ଏବଂ ଏକତା ତିଷ୍ଠି ରହିବ । ଏହା ଆମ ସମସ୍ତଙ୍କର ଆନ୍ତରିକ ଇଚ୍ଛା ଯେ, ଆମେ ସମସ୍ତେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ମିଳିମିଶି ରହିବା ଧନ୍ୟବାଦ ।

ତା'ପରେ Tobias Von der Heide ସାହେବ, ଯିଏ ପ୍ରଦେଶ ବିଧାନସଭାର ସଦସ୍ୟ, ସେ ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ଓ ଉପସ୍ଥିତ ଶ୍ରୋତଙ୍କୁ ସଲାମ୍ କହିଲେ । ପୁଣି ସେ କହିଲେ ଯେ ମୁଁ Keil ରୁ ଏହି ପ୍ରୋଗ୍ରାମରେ ସାମିଲ ହେବା ପାଇଁ ଆସିଛି । ମତେ ଏ କଥାରେ ବହୁତ ଖୁସି ଅନୁଭବ ହେଉଅଛି ଯେ କେବଳ ଅହେମଦୀୟା ମୁସ୍‌ଲିମ୍ ସଦସ୍ୟମାନେ ହିଁ ଏହି ସଭାରେ ସାମିଲ ହୋଇନାହାନ୍ତି ବରଂ ଅନେକ ସ୍ଥାନୀୟ ଆସେମ୍ବଲିର ରାଜନେତା ଓ ପଡ଼ୋଶୀମାନେ ମଧ୍ୟ ସାମିଲ ହୋଇଛନ୍ତି ।

ସେ ମହାଶୟ କହିଲେ ଯେ ଅହେମଦୀୟା ମୁସ୍‌ଲିମ୍ ପ୍ରଦେଶ Schleswig Hostein ରେ ଏକ ଗୁରୁତ୍ୱପୂର୍ଣ୍ଣ Partner ର ଭୂମିକା ନିର୍ବାହ କରୁଅଛି । ଏହାର ଗୋଟିଏ କାରଣ ହେଉଛି ଏହା କି ତାଙ୍କର ଶାନ୍ତି ସ୍ଥାପନ କରିବାର ଯେଉଁ ଦୃଷ୍ଟିକୋଣ ରହିଛି ତାହା ଆମ ଦୃଷ୍ଟିକୋଣ ସହିତ ବହୁତ ସମାନ । ସେଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପାର୍ଶ୍ୱ ହେଉଛି ରହ୍‌ମାନିୟତ୍‌ର ଅର୍ଥାତ କରୁଣାର ବିଶେଷଗୁଣ । ପୁଣି ସେହି ନ୍ୟାୟ, ଯାହା ଆପଣମାନଙ୍କ ଶିକ୍ଷାର ଏକ ଅଂଶବିଶେଷ ଅର୍ଥାତ ପୁରୁଷ ଏବଂ ମହିଳାମାନଙ୍କ ଅଧିକାରରେ ସମାନତ, ଧର୍ମ ଏବଂ ସରକାରୀ ଶାସନକଳ ଅଲଗା ଅଲଗା ରହିବା ଏବଂ ପ୍ରତ୍ୟେକ ପ୍ରକାରର ଜୁଲମ ଓ ଅତ୍ୟାଚାରମୂଳକ କାର୍ଯ୍ୟରୁ ଦୁରେଇ ରହିବା ଇତ୍ୟାଦି ଏପରି ବିଚାରଧାରା ରହିଛି ଯାହା ଆମ ସମସ୍ତଙ୍କ ମଧ୍ୟରେ ରହିବା ଉଚିତ । ଗୋଟିଏ କଥା ଯାହା ଏ ପ୍ରସଙ୍ଗରେ ଅତି ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ଏହା କି ଆପଣମାନେ ଏ କଥାସବୁ ଲୁଚାଇ ରଖୁନାହାନ୍ତି ବରଂ ସବୁ ଲୋକଙ୍କୁ ଭଲପାଉଛନ୍ତି । ଏ କଥା ଆମେ ଆଜି ବି ଏହି ସଭାରେ ଦେଖୁଅଛୁ ଯେ ଆମ ସମସ୍ତଙ୍କ ସହିତ ଜଣେ ବନ୍ଧୁ ଅଛନ୍ତି, ଯିଏ ଆମର ପ୍ରଶ୍ନଗୁଡ଼ିକୁ ସମାଧାନ କରୁଛନ୍ତି ଏବଂ ଆମର ଆତିଥ୍ୟତା କରୁଛନ୍ତି । ଆପଣମାନେ ସର୍ବଦା ନିଜର ପ୍ରୋଗ୍ରାମ ଗୁଡ଼ିକରେ ଆମକୁ ନିମନ୍ତ୍ରଣ ଦେଉଛନ୍ତି ଏବଂ ପୋଷ୍ଟର ଜରିଆରେ ନିଜର ବାର୍ତା ଅନ୍ୟମାନଙ୍କ ନିକଟରେ ପହଂଚାଉଛନ୍ତି । ଆପଣମାନେ ଆମ ସମାଜର ଅଂଶବିଶେଷ ପୁଣି ଆପଣମାନଙ୍କୁ Koreperschaft Das Offentlichen Rechts ର ପଦମର୍ଯ୍ୟଦା ମିଳିଛି (ଅର୍ଥାତ ସରକାରୀ ସ୍ତରରେ ଆପଣଙ୍କୁ ଚର୍ଚ୍ଚସମ ପଦମର୍ଯ୍ୟାଦା ମିଳିଛି) । ଏହା କିଛି ସାଧାରଣ କଥା ନୁହେଁ । ବହୁତ ଜମାତ ଏବଂ ସଂଘଠନ ଆଜି ପର୍ଯ୍ୟନ୍ତ ଏ ଚେଷ୍ଟାରେ ଲାଗି ରହିଛନ୍ତି ଯେ ଏହି ପଦମର୍ଯ୍ୟାଦା କେମିତି ସେମାନଙ୍କୁ ପ୍ରାପ୍ତ ହୋଇଯାଉ । ଏଥିରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ ଆପଣମାନେ ଆମ ଦେଶର ଆଇନ୍ କାନୁନ୍ ମୁତାବକ ପରିଚାଳିତ ହେଉଛନ୍ତି । ମୋ ନିକଟରେ ଆପଣମାନେ ହେଉଛନ୍ତି ଆମ ପାଇଁ ଉଦାହରଣ ଯେ ଇସ୍‌ଲାମ୍ ଜର୍ମାନୀ ଦେଶର କିପରି ଏକ ଅଂଶବିଶେଷ ହୋଇପାରିବ । କହିବାକୁ ଗଲେ ଆଜିକାଲି ଇସ୍‌ଲାମ୍ ଜର୍ମାନୀର ଅଂଶ ହୋଇସାରିଛି ।

ଶେଷରେ ସେ ମହାଶୟ କହିଲେ ଯେ, ମୁଁ ଏଠାରେ ଗୋଟିଏ କଥା କହିବାକୁ ଚାହୁଁଛି, ଏହା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହା Christchurch ଠାରେ ଘଟଣା ଘଟିଗଲା ତାହା ସନ୍ତ୍ରାସବାଦର ଏକ ଆକ୍ରମଣ ଥିଲା । ଆଜି ଆମେ ନିଶ୍ଚିତରୂପେ ସିକ୍ୟୁରିଟିର କିଛି ବ୍ୟବସ୍ଥା ଦେଖିଥିବା । ପୁଣି Halle ଠାରେ ଯେଉଁ ଘଟଣା ଘଟିଲା, ସେମାନେ ଆମକୁ ଏହା ଦର୍ଶାଇଦେଲେ ଯେ ଜର୍ମାନୀରେ ମଧ୍ୟ ଲୋକମାନଙ୍କ ଉପରେ କେବଳ ସେମାନଙ୍କ ଧର୍ମ ଯୋଗୁଁ ହିଁ ଅତ୍ୟାଚାର ହୋଇପାରେ ।

ପୁଣି ସେ ମହାଶୟ କହିଲେ: ଆମ ସମସ୍ତଙ୍କୁ ମିଳିମିଶି ଏହିପରି ଶତ୍ରୁମାନଙ୍କ ବିରୋଧରେ ସ୍ୱର ଉତୋଳନ କରିବାକୁ ହେବ । ଦେଶରେ ଯେଉଁ ଧର୍ମୀୟ ସ୍ୱାଧିନତା ରହିଛି ତାହାର ସୁରକ୍ଷା କରିବାକୁ ପଡ଼ିବ । ଗୋଟିଏ ନିର୍ଦ୍ଦିଷ୍ଟ ପାର୍ଶ୍ୱ ହେଉଛି ଏ ବିଷୟରେ Interreligious dialogue ଶେଷରେ ମୋର ଏ ଆନ୍ତରିକ ଇଚ୍ଛା ଯେ ଏହି ମସ୍‌ଜିଦ୍ ଗୋଟିଏ ଶାନ୍ତିସ୍ଥଳୀ ହେଉ, ଯେଉଁଠି ସମସ୍ତେ ଏକତ୍ରିତ ହୋଇପାରୁଥିବେ । ଏହି ଦୃଷ୍ଟି କୋଣରୁ ଏକଥା ଆମକୁ ସର୍ବଦା ମନେରଖିବା ଉଚିତ ଯେ ପ୍ରେମ ସଭିଙ୍କ ପାଇଁ ଓ ଘୃଣା କାହାପାଇଁ ନୁହେଁ ।

ଏହି ଅଭିଭାଷଣ ପରେ Gero Storjohnn ସାହେବ ଯିଏ National Assemble ର ସଦସ୍ୟ ଅଛନ୍ତି ସେ ନିଜର ଅଭିଭାଷଣ ପ୍ରଦାନ କଲେ । ସେ ହଜୁର ଅନଓ୍ୱର ଅ:ବ:ଅ ଓ ଉପସ୍ଥିତ ଶ୍ରୋତାଙ୍କୁ ସ୍ୱାଗତ ଜଣାଇଲେ ଏବଂ କହିଲେ ଯେ ଏ ମସ୍‌ଜିଦ୍ ପାଇଁ ୩୦ ବର୍ଷ କାଳ ଯେଉଁ ସମୟ ବିତିଛି । ତାହା ବାସ୍ତବିକ କୌଣସି ସହଜ କଥା ନଥିଲା । କିନ୍ତୁ ଜମାତ୍ ଏ ନିର୍ମାଣ କ୍ଷେତ୍ରରେ ବହୁତ ଭଲ କାମ କରିଛି ଫଳତଃ ଲୋକମାନଙ୍କ ଉପରେ ଏହା ସ୍ପଷ୍ଟ ହୋଇଗଲା ଯେ, ଆପଣଙ୍କ ଯମାତ୍ ଏକ ଶାନ୍ତିପୂର୍ଣ୍ଣ ଯମାତ୍ ଅଟେ ।

ପୁଣି ସେ ମହାଶୟ କହିଲେ ଯେ, ଏହି ମସ୍‌ଜିଦ୍ ଉଦ୍‌ଘାଟନ ହୋଇଥିବାରୁ ମତେ ବହୁତ ଖୁସି ଲାଗୁଛି । ଯେତେବେଳେ ମୁସଲମାନମାନେ ଜର୍ମାନୀରେ କୌଣସି ମସ୍‌ଜିଦ ବନାଉଛନ୍ତି ତାହା ଏକ ଚିରାଚରିତ କାର୍ଯ୍ୟ ହେବା ଉଚିତ । ମସ୍‌ଜିଦ୍‌ର ଏ ନିର୍ମାଣ କାର୍ଯ୍ୟ ସ୍ପଷ୍ଟ କରୁଛି ଯେ ଯଦି କିଏ ନିଜର ଗୋଟିଏ ଘର ବନାଏ ତାହା ସେ ସେଠାରେ ରହିବାକୁ ଚାହେଁ । ତେଣୁ ଏହିପରି ଭାବରେ ଏମିତି ଲୋକମାନଙ୍କୁ ଜର୍ମାନୀରେ ନିଜର ଗୋଟିଏ ଘର ମିଳିଗଲା । ମସ୍‌ଜିଦ୍ ତିଆରି କରିବା ଏ କଥାର କୌଣସି ଲକ୍ଷଣ ନୁହେଁ ଯେ, କିଏ ନିଜକୁ ଅଲଗା କରି ରଖିବାକୁ ଚାହୁଁଛି । ବରଂ ଏହା ଦ୍ୱାରା ଇଂଟିଗ୍ରେସନ୍ ପ୍ରକାଶ ହୋଇଥାଏ । ମତେ ବହୁତ ଖୁସି ଲାଗୁଛି ଯେ, Nahe ଠାରେ କୌଣସି ବଡ଼ ସମସ୍ୟା ଉପୁଜିନାହିଁ । ଆପଣଙ୍କ ଯମାତ୍ ପ୍ରଥମ ଦିନଠାରୁ ହିଁ Transparency ଦ୍ୱାରା କାମ ନେଇଛି ତେଣୁ ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ବହୁତ ବିଳମ୍ବ ହୋଇଗଲା । ତେଣୁ ଏଥିରେ କିଛି ଯାଏଆସେ ନାହିଁ ଯେତେବେଳେ କୌଣସି ନୂଆ କାମ ତିଆରି ହୋଇଥାଏ ସେଥିରେ ସମୟ ଲାଗିଥାଏ । ଉଦାହରଣ ସ୍ୱରୁପ ଏୟାରପୋର୍ଟ ହେଉ, ନୂଆ ସଡ଼କ ହେଉ ତଥା ସାଇକେଲ୍‌ର ମାର୍ଗ ତିଆରି କରାଯାଉ । ଆଉ ଗୋଟିଏ କାରଣ ଏ କାର୍ଯ୍ୟ ବିଳମ୍ବ ହେବାର ଏହା ଥିଲା ଯେ, ଆପଣମାନେ କେବଳ ନିଜ ଜମାତ୍‌ର ସଦସ୍ୟମାନଙ୍କଠାରୁ ଏହି କାର୍ଯ୍ୟ ପାଇଁ ଚାନ୍ଦା ଗ୍ରହଣ କରୁଥିଲେ । ଆପଣମାନେ ଗୋଟିଏ ସାଧାରଣ ମସ୍‌ଜିଦ୍ ତିଆରି କରିଛନ୍ତି । ଶେଷରେ ସେ ପୂର୍ନବାର ଶୁଭକାମନା ଦେଇ କହିଲେ ଯେ, ଏହି ମସ୍‌ଜିଦ୍ ନିର୍ମାଣ ହେବା ଆପଣମାନଙ୍କ ପାଇଁ ବାବର୍‌କତ୍ ହେଉ ।

ତା'ପରେ ଠିକ୍ ୫:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କୁ ସମ୍ୱୋଧନ କଲେ ।

### ମସ୍‌ଜିଦ୍ ବଇତୁଲ୍ ବସିର୍‌ର ଉଦ୍‌ଘାଟନୀ ଉତ୍ସବରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଉଦ୍‌ବୋଧନ

ହଜୁର ଅନଓ୍ୱର ଅ:ବ:ଅ ତଶ୍‌ହୁଦ୍, ତଉଜ୍ ଏବଂ ତସ୍‌ମିୟା ପାଠ କରିବା ପରେ କହିଲେ, ଉପସ୍ଥିତ ସମ୍ମାନନୀୟ ଅତିଥିଗଣ ! ଅସ୍‌ସଲାମୁ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବର୍‌କାତୁହୁ ।

ଅଲ୍ଲାଃ ତାଲା ଆପଣ ସମସ୍ତଙ୍କୁ ଶାନ୍ତି ଓ ସୁରକ୍ଷାରେ ରଖନ୍ତୁ ସର୍ବପ୍ରଥମେ ମୁଁ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଆପଣ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି । ମୁଁ ଏକଥା ଭାବିନଥିଲି ଯେ, ଏତେ ଛୋଟିଆ ଜାଗାରେ ଏତେ ସଂଖ୍ୟକ ଲୋକେ ଏକତ୍ରିତ ହୋଇଯିବେ ବୋଲି ଓ ଆପଣମାନେ ଯମାତ୍ ଅହେମଦିୟାର ସଦସ୍ୟ ମଧ୍ୟ ନୁହନ୍ତି ଓ କିଛି ଅଣମୁସଲମାନ ବନ୍ଧୁ ମଧ୍ୟ ଆସିଛନ୍ତି । କିନ୍ତୁ ଆପଣମାନଙ୍କର ଏଠାକୁ ଆସିବା ଏହା ପରିପ୍ରକାଶ କରୁଛି ଯେ, ଆପଣମାନେ ଖୋଲା ହୃଦୟର ଲୋକ ଅଟନ୍ତି । ଦ୍ୱିତୀୟରେ ମତେ ଏକଥାରେ ବହୁତ ଆନନ୍ଦ ଲାଗୁଛି ଯେ, ଆପଣମାନେ କୌଣସି ନା କୌଣସି ପରିଚୟ ପାଇ ଏଠାକୁ ଆସିଛନ୍ତି । ଓ ଜମାତ୍ ଅହେମଦିୟାର ସଦସ୍ୟମାନେ ଏହି

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୁର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ଓ୍ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ଓ୍ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନଓ୍ୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୁର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହଓ୍ୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ॥

**(ଓ୍ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 15 July 2021 Issue No. 28

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୬ ଅକ୍ଟୋବର ୨୦୧୯ (ଶନିବାର)**

**ରିପୋଟର ବଳକାଅଂଶ**

ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଯିବାର ଏହି ପ୍ରୋଗ୍ରାମ ପରେ ହଜୁର ଅନୱର ଅ:ବ:ଅ ରୋଷେଇ ଶାଳା ଭିତରକୁ ପ୍ରବେଶ କଲେ । କର୍ମୀମାନେ ଦ୍ୱିପ୍ରହରର ଭୋଜନ ପ୍ରସ୍ତୁତ କରୁଥିଲେ । ହଜୁର ଅନୱର ଅ:ବ:ଅ ସେମାନଙ୍କ ସହିତ କଥା ହେଲେ, ତା'ପରେ ହଜୁର ଅନୱର ଅ:ବ:ଅ ଷ୍ଟୋର ରୁମ୍ ଆଡ଼କୁ ଗଲେ ଯେଉଁଠି ଖାଇବା ପିଇବାର ଜିନିଷପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷପତ୍ର ଷ୍ଟୋର କରାଯାଇଥିଲା ।

ତା'ପରେ ହଜୁର ଅନୱର ଅ:ବ:ଅ ଲଜ୍‌ନା ଏରିଆ ଭିତରକୁ ଗଲେ । ଲଜ୍‌ନାମାନଙ୍କ ପାଇଁ ଅଲଗା ସାମିୟାନା ଲଗାଯାଇଥିଲା । ହଜୁର ଅନୱର ଅ:ବ:ଅଙ୍କୁ ଅଚାନକ ନିଜ ଗହଣରେ ଦେଖି ମହିଳାମାନଙ୍କର ଖୁସି ଓ ଉତ୍ସାହ ଅବର୍ଣ୍ଣନୀୟ ଥିଲା । ଲଜ୍‌ନାଙ୍କ ସାମିୟାନା ବ୍ୟତିତ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍ ଭିତରେ ମହିଳାମାନଙ୍କ ନିମନ୍ତେ ଥିବା ହଲ୍ ଭିତରକୁ ମଧ୍ୟ ଗଲେ ।

ମେହେଦୀ ଆବାଦ୍‌ର ଏହି ଜମି ଖଣ୍ଡରେ ଯେଉଁଠି ମସ୍‌ଜିଦ୍ ଓ ଜମାତି ସେଂଟର ଅବସ୍ଥିତ, ଏହି ଜମିର ଗୋଟିଏ ଭାଗକୁ ବିଭିନ୍ନ ପ୍ଲଟ୍‌ରେ ବିଭକ୍ତ କରାଯାଇଅଛି ଯଦ୍ୱାରା ଜମାତ୍‌ର ଲୋକମାନେ ସେହି ସବୁ ଜାଗାକୁ ହାସଲ କରି ନିଜ ପାଇଁ ଘର ନିର୍ମାଣ କରିପାରିବେ । ଏଠାରେ ଜଣେ ବନ୍ଧୁ ଯାହାଙ୍କ ନାମ ହେଉଛି ଅଜିମ୍ ବଚ୍ଚ ସାହେବ ତାଙ୍କ ଘରର ନିର୍ମାଣ କାର୍ଯ୍ୟ ଜାରି ରହିଛି । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ସେହି ନିର୍ମାଣଧୀନ ଘର ଭିତରକୁ ପ୍ରବେଶ କଲେ ଓ ଘରର ନକ୍ସାକୁ ଦେଖିଲେ ପୁଣି ଘର ବାବଦରେ ଅଜିମ୍ ବଚ୍ଚ ସାହେବଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ କଥା ହେଲେ ।

ତା'ପରେ ଠିକ୍ ୨ଟା ବେଳେ ହଜୁର ଅନୱର ଅ:ବ:ଅ "ମସ୍‌ଜିଦ୍ ବଇତୁଲ୍ ବସିର୍"ଠାରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଯିବା ସମୟରେ ମୋକରମ୍ ହବିବୁଲ୍ଲାଃ ତାରିଖ୍ ସାହେବଙ୍କ ନୂଆ ଇଟାଲିୟନ୍ ଗାଡ଼ିର ପରିଦର୍ଶନ କଲେ । ହଜୁର ଅନୱର ଅ:ବ:ଅ କିଛି ସମୟ ପାଇଁ ଗାଡ଼ି ଭିତରେ ବସିଲେ ଓ ଏହି ଗାଡ଼ିର ବିଶେଷତ୍ୱ ବିଷୟରେ ପ୍ରସଙ୍ଗରେ ବିଭିନ୍ନ ବିଷୟବସ୍ତୁ ପଚାରି ବୁଝିଲେ । ତା'ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମସ୍‌ଜିଦ୍ ବଇତୁଲ୍ ବସିର୍‌ର ଉଦ୍‌ଘାଟନୀ ଉତ୍ସବ**

ଆଜି ପ୍ରୋଗ୍ରାମ ମୁତାବକ ମସ୍‌ଜିଦ୍ ବଇତୁଲ୍ ବସିର୍ ମେହେଦୀ ଆବାଦ୍ ଉଦ୍‌ଘାଟନୀ ନିମନ୍ତେ ଗୋଟିଏ ସଭାରେ ଆୟୋଜନ ମସ୍‌ଜିଦ୍‌ର ପ୍ରାଙ୍ଗଣରେ କରାଯାଇଥିଲା ଓ ଏହା ସାମିୟାନା ଭିତରେ ବ୍ୟବସ୍ଥା କରାଯାଇଥିଲା । ଠିକ୍ ୪:୪୫ ମିନିଟରେ ହଜୁର ଅନୱର ଅ:ବ:ଅ ସେହି ସାମିୟାନା ଭିତରେ ପ୍ରବେଶ କଲେ । ଆଜିର ଏହି ସଭାରେ ସାମିଲ ହୋଇଥିବା ଅତିଥିମାନଙ୍କର ସଂଖ୍ୟା ୧୭୦ ଥିଲା । ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ ।

| |
|---|
| Mr. Gero Storjohann<br>Member of National Assembly |
| Mrs. Elke Chistina<br>Lord Mayer of Norderstedt |
| Mrs. Kirsten Eickhoff-Weber<br>Deputy Speaker State Assembly |
| Mr. Tobias von der Heide<br>Member of State Assembly |
| Mr. Stefan Weber<br>Member of State Assembly |
| Mrs. Karla Frieben-Wischer<br>Member of Ministry Schleswig |
| Mr. Manfred<br>Mayor of Nahe Town |
| Mr. Marc Andre Ehlers<br>Nahe Townର ଆଉଜଣେ Mayor |
| Mayor Henstedt-Ulzburg |
| Mayor Kayhude |
| Mayor Kisdorf |
| Mr. Joachim Brunkhorst<br>Member of District Parliament |
| Mr. Claus Peter Dieck<br>President of District<br>Parilament Bad Segeberg |

ଏତଦ୍ ବ୍ୟତିତ District Parliamentର ତିନିଜଣ ଚେୟାରମ୍ୟାନ, ଇଲାକାର ପାଦ୍ରୀ, ହେଡ୍ ଅଫ୍ ଷ୍ଟେଟ୍ ଚ୍ୟାନ୍‌ସେଲରି, ପ୍ରଫେସର, ଡ଼ାକ୍ତର, ଶିକ୍ଷକ ଓ ବିଭିନ୍ନ ବିଭାଗରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ ।

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୁର୍‌ଆନ୍‌ର ଆବୃତି ସହିତ ହେଲା । ଯାହାକୁ ମୋକରମ୍ ତୟବ୍ ସିଦ୍ଦିକ୍ ସାହେବ ଆବୃତି କଲେ । ତା'ପରେ ମୋକରମ୍ ଦାନିଆଲ୍ ୱ୍ଦୁଦ୍ ସାହେବ୍ ତାହାର ଜର୍ମାନ ଭାଷାରେ ଅନୁବାଦ ଉପସ୍ଥାପନ କଲେ ।

ତା'ପରେ ମୋକରମ୍ ଅବ୍‌ଦୁଲ୍ଲା ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ ନିଜର ପରିଚୟ ମୂଳକ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଲେ: Nahe କସ୍‌ବାର ଜନସଂଖ୍ୟା ହେଉଛି ପ୍ରାୟ ୨ହଜାର । ଏହି କସ୍‌ବାର ଇତିହାସ ପ୍ରାୟ ଦଶହଜାର ବର୍ଷରୁ ମଧ୍ୟ ପୁରୁଣା । ଜମାତ୍ ଅହେମଦିୟା ନାହେଠାରେ ୧୯୮୦ ମସିହାରେ ସ୍ଥାପନ ହେଲା । ପ୍ରଥମ ଅହେମଦୀ Bad Segeberg Norderstedet ଇଲାକାରେ ରହିବାକୁ ଲାଗିଲେ । ତ'ପରେ ଯେତେବେଳେ ଜମାତ୍‌ର ସଂଖ୍ୟା ବଢ଼ିଚାଲିଲା ସେତେବେଳେ ଜମାତ୍ ନିଜର ମସ୍‌ଜିଦ୍ ପାଇଁ ଗୋଟିଏ ଜାଗାର ଅନୁସନ୍ଧାନ କରିବା ଆରମ୍ଭ କଲା । ଜମାତ୍ ଏହି ଜାଗାଟିକୁ ଜୁଲାଇ ୧୯୮୯ ମସିହାରେ ୬ଲକ୍ଷ ମାର୍କ ବିନିମୟରେ ଖରିଦ୍ କରିଥିଲା । ଏହାର ମୋଟ କ୍ଷେତ୍ରଫଳ ହେଉଛି ୪୨,୮୭ ଏକର ।

ଅମୀର ସାହେବ୍ ମସ୍‌ଜିଦ୍‌ର ପରିଚୟ ଦେଇ କହିଲେ ଯେ, ୧୪ ଜୁନ୍ ୨୦୧୧ ମସିହା ଦିନ ହଜୁର ଅନୱର ଅ:ବ:ଅ ଏହି ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ୨୦୧୭ ମସିହାରେ ଆରମ୍ଭ ହେଲା । ମସ୍‌ଜିଦ୍‌ଟି ୩୯୫ ବର୍ଗମିଟର ଉପରେ ନିର୍ମାଣ ହୋଇଛି । କିନ୍ତୁ ସମ୍ପୂର୍ଣ୍ଣ ପ୍ଲଟଟି ତା'ଠାରୁ ଢ଼େର୍ ଅଧିକା ଏହି ମସ୍‌ଜିଦ୍‌ଟି ୩ମହଲା ବିଶିଷ୍ଟ । ମସ୍‌ଜିଦ୍‌ଟିକୁ ନିର୍ମାଣ କରିବାରେ ମୋଟ ୫ଲକ୍ଷ ୬୦ ହଜାର ୟୁରୋ ଖର୍ଚ୍ଚ ହୋଇଛି । ସ୍ଥାନୀୟ ଜମାତ୍ ଏହାର ଏକତୃତୀୟାଂଶ ପଇଠ କରିଛନ୍ତି ।

ତା'ପରେ Gustav Lunenburg ସାହେବ ନିଜର ବକ୍ତବ୍ୟ ଉପସ୍ଥାପନ କଲେ । ସେ ମହାଶୟ ଲେଫ୍‌ଟନାଂଟ କର୍ନଲ ଥିଲେ । ସେ ସର୍ବପ୍ରଥମେ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ତା'ପରେ କହିଲେ,

"ତିରିଶି ବର୍ଷ ପୂର୍ବେ ଯେତେବେଳେ ଜମାତ୍ ଏହି ପ୍ଲଟକୁ ଖରିଦ କଲା ସେତେବେଳେ ମୁଁ ନିଜ ଫ୍ୟାମିଲି ସହିତ ଏହିଠାରେ ହିଁ ରହୁଥିଲି । ଆମକୁ ସେତେବେଳେ କିଛିବି ଜଣାନଥିଲା ଯେ, ଅହେମଦୀ ମୁସଲମାନ କ'ଣ । ଆପଣମାନଙ୍କ ଯେଉଁ ସ୍ଲୋଗାନ ରହିଛି ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ ଏହି ସ୍ଲୋଗାନକୁ ମୁଁ ଶୁଣିଲି ସେତେବେଳେ ଏହା ଆମକୁ ଆପଣମାନଙ୍କର ଗୋଟିଏ ଚାଲାକି ଜଣାପଡୁଥିଲା । ଯଦ୍ୱାରା ଲୋକମାନେ ଏହାକୁ ଶୁଣି ପଥଭ୍ରଷ୍ଟ ହୋଇଯିବେ କିନ୍ତୁ ଆଜି ଆମେ ସମସ୍ତେ ଏଠାରେ ଏକତ୍ରିତ ହୋଇଛୁ ଯେ, ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ କରିପାରିବୁ ଓ ଦୀର୍ଘ ସମୟ ଧରି ବହୁତ ବିଦ୍ୱେଷଭାବକୁ ଦୂର କରିବାକୁ ପଡ଼ିଲା ଓ ଘୃଣା ଭାବକୁ ପ୍ରଚାର ପ୍ରସାର କରୁଥିବା ବିଭିନ୍ନ ଲୋକ ଓ ଗୋଷ୍ଠୀମାନଙ୍କର ପ୍ରପଗଣ୍ଡାକୁ ଦୂର କରିବାକୁ ପଡ଼ିଲା ଏବଂ ଏହି ପ୍ରପଗଣ୍ଡା ଆଜି ଶେଷ ହେଉଅଛି । ଏବେ ତ' ପାକିସ୍ତାନରୁ ଯେଉଁ ଅହେମଦୀମାନେ ହିଜ୍‌ରତ୍ କରି ଏଠାକୁ ଆସିଥିଲେ ସେମାନଙ୍କର ପରପୀଢ଼ୀ ଏଠାରେ ଜନ୍ମ ହେଉଛନ୍ତି ଓ ସେମାନେ ଏଠାରେ ଶିକ୍ଷାଗ୍ରହଣ କରିଛନ୍ତି ଓ ଏହିଠାରେ ହିଁ କାମ କରୁଛନ୍ତି ଏବଂ ସେମାନେ ଜର୍ମାନୀ ସମାଜର ଅଂଶବିଶେଷ ହୋଇସାରିଛନ୍ତି ।

ପୁଣି ସେ ମହାଶୟ କହିଲେ ଯେ, ଆମେ ସମସ୍ତେ ଜର୍ମାନୀର ଆଇନ କାନୁନକୁ ସମର୍ଥନ କରୁଅଛେ ଓ କାନୁନର ସମ୍ମାନ କରୁଅଛେ ଓ କାନୁନର ମୂଲ୍ୟବୋଧ ଉପରେ ଗୋଟିଏ ହେଉଛି ଏହା କି, ପ୍ରତ୍ୟେକ ଲୋକକୁ ଏ ଅଧିକାର ଅଛି ଯେ, ସେ ନିଜର ମନୋଭାବ ଓ ଚିନ୍ତାଧାରାକୁ ପରିପ୍ରକାଶ କରିବ ଏବଂ ତାକୁ ଅନ୍ୟାନ୍ୟ ସୁବିଧାସୁଯୋଗ ଉପଲବ୍ଧ ହେବ । ସେହିଭଳି ପୁରୁଷ ଓ ମହିଳାମାନଙ୍କର ପଦମର୍ଯ୍ୟାଦା ସମାନ ହେବା ଉଚିତ ।

ପୁଣି ସେ ମହାଶୟ କହିଲେ ଯେ, ଜମାତ୍ ଅହେମଦିୟା ସହିତ ଆମର ସମ୍ବନ୍ଧ ବହୁତ ଭଲ । ଆମେ ସର୍ବଦା ଜମାତ୍ ସପକ୍ଷରେ କଥା ହେଉଛୁ । ଇଂଟିଗ୍ରେସନ୍ ହେଉଛି ଗୋଟିଏ ସ୍ଥାୟୀ କାମ ଯାହାକୁ ସର୍ବଦା ଜାରି ରଖିବା ଉଚିତ । ଅହେମଦୀମାନଙ୍କ ସହିତ ରହି ଆମେ ବହୁତ କିଛି ଜାଣିପାରିଛୁ ଓ ବହୁତ କିଛି ଶିଖିବାକୁ ପାଇଛୁ ଅହେମଦୀମାନଙ୍କର ଯେଉଁ ସ୍ଲୋଗାନ ରହିଛି ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ଆମେ ଏହା ଜାଣିବାକୁ ପାଇଛୁ ଯେ, ଏହି ସ୍ଲୋଗାନ କେବଳ ଏମିତି ଶବ୍ଦ ଭିତରେ ସିମୀତ ନୁହେଁ । ବରଂ ଅହେମଦୀମାନଙ୍କର କାର୍ଯ୍ୟ ମଧ୍ୟ ତା ମୁତାବକ ହୋଇଥାଏ । ଆମକୁ ଏଥିରେ ବହୁତ ଗର୍ବ ମଧ୍ୟ ଅନୁଭବ ହେଉଛି ଯେ, ଖ୍ରୀଷ୍ଟିଆନ୍ ହେବା ସତ୍ତ୍ୱେ ମଧ୍ୟ ଆମେ ଆମ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan